## ସଂକ୍ଷେପରେ

### ଆଜି ୮ଘଣ୍ଟିଆ ରାୟଗଡ଼ ବନ୍ଦ

ରାୟଗଡ (ଗଜପତି), ୬।୧୨ (ଡି.ଏନ.ଏ.): ତିତ୍‌ଲି ବାତ୍ୟାରେ ନଷ୍ଟ ହୋଇଥିବା ଉଦ୍ୟାନ ଓ କୃଷିଭିତ୍ତିକ ଫସଲର କ୍ଷତିପୂରଣ ପ୍ରଦାନ ଦାବି ନେଇ ଭାରତ ମାତା କୃଷକ ସଂଘ ପକ୍ଷରୁ ଶୁକ୍ରବାର ୮ଘଣ୍ଟିଆ ରାୟଗଡ଼ ବନ୍ଦ ଡାକରା ଦିଆଯାଇଛି। ଏ ନେଇ ଗଜପତି ଜିଲା ରାୟଗଡ ବ୍ଲକ ଅଞ୍ଚଳରେ ପ୍ରଚାରପତ୍ର ବଣ୍ଟାଯାଉଥିବା ଗୁରୁବାର ଦେଖିବାକୁ ମିଳିଛି। ପ୍ରଚାରପତ୍ରରେ କୌଣସି ଆବାହକଙ୍କ ନାମ ଉଲ୍ଲେଖ ନ ଥିବା ବେଳେ ସଂଘ ତରଫରୁ ଶୁକ୍ରବାର ସକାଳ ୮ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚକାବନ୍ଦ ଆନ୍ଦୋଳନ ପାଇଁ ଆହ୍ୱାନ ଦିଆଯାଇଛି। ପ୍ରଚାରପତ୍ରରେ ଦର୍ଶାଯାଇଛି ଯେ, ବାତ୍ୟାରେ ଆମ୍ବ, ପଣସ, କଦଳୀ, ନଡ଼ିଆ, କାଜୁ, କପା ଆଦି ଫସଲ ନଷ୍ଟ ହୋଇଥିଲେ ମଧ ପ୍ରଶାସନ ପକ୍ଷରୁ କ୍ଷତିପୂରଣ ଦିଆଯାଇନାହିଁ। ତେଣୁ ସଂଘ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ସ୍ଥିର କରିଛି। ତେବେ ଉକ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି ତହସିଲଦାର ତନ୍ମୟ ପାତ୍ର। ଉଦ୍ୟାନ ଓ କୃଷିଭିତ୍ତିକ ଫସଲର କ୍ଷୟକ୍ଷତି ପାଇଁ ବର୍ତ୍ତମାନ ସୁଦ୍ଧା ୭୧୪୪ ଜଣ କ୍ଷତିଗ୍ରସ୍ତଙ୍କୁ ଚିହ୍ନଟ କରାଯାଇଥିବା ବେଳେ ୪୯୬୮ ଜଣଙ୍କୁ ୨କୋଟି ୧୮ଲକ୍ଷ ଟଙ୍କା କ୍ଷତିପୂରଣ ଦିଆସରିଛି। ତଦନ୍ତ ଚାଲୁରହିଛି। ଆଗାମୀ ଦିନରେ ମଧ କ୍ଷତିଗ୍ରସ୍ତଙ୍କୁ ଚିହ୍ନଟ କରାଯାଇ କ୍ଷତିପୂରଣ ପ୍ରଦାନ କରାଯିବ।

### ଆମ୍ବେଦକରଙ୍କ ଶ୍ରାଦ୍ଧ ଦିବସ ପାଳିତ

ପାରଳାଖେମୁଣ୍ଡି, ୬।୧୨(ସ୍ୱ.ପ୍ର.)- ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଗୁରୁବାର ସମ୍ବିଧାନ ପ୍ରଣେତା ବାବା ଭୀମରାଓ ଆମ୍ବେଡକରଙ୍କ ଶ୍ରାଦ୍ଧ ଦିବସ ପାଳନ ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ରାମଚନ୍ଦ୍ର ନାୟକ ଯୋଗଦେଇ ଯୁବବର୍ଗଙ୍କ ଚରିତ୍ର ଓ ନୈତିକତା, ଆଧାତ୍ମିକତା ଆଦି କ୍ଷେତ୍ରରେ ମହାପୁରୁଷମାନେ ପ୍ରେରଣାଦାତା ସାଜିଥିବା କହିଥିଲେ । ଯୁବ ଓ ଛାତ୍ର ସମାଜ ପାଇଁ ଆମ୍ବେଦକର ପ୍ରେରଣାର ଉତ୍ସ ବୋଲି ଯୁବ ଓ ଛାତ୍ର ସମାଜ ପାଇଁ ଆମ୍ବେଡକର ପ୍ରେରଣାର ଉତ୍ସ ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଚାନ୍ଦିପୁଟସ୍ଥିତ ଆମ୍ବେଦକର କଲେଜର ପ୍ରତିଷ୍ଠାତା ସୁକୁମାରୀ ନାୟକଙ୍କ ସମେତ ଅଧାପିକା, ଅଧାପକ, ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ ।

### ବାଇକ ଚୋରି ର୍‍ୟାକେଟ ଠାବ ପାଇଁ ତନାଘନା

ପାରଳାଖେମୁଣ୍ଡି, ୬।୧୨(ସ୍ୱ.ପ୍ର.):ଗଜପତି ଜିଲା ପାରଳାଖେମୁଣ୍ଡି ଥାନା ପକ୍ଷରୁ ଏକ ବାଇକ ଚୋରୀ ର୍‍ୟାକେଟର ପର୍ଦ୍ଦାଫାଶ କରିବା ପାଇଁ ଛାନଭିନ୍ ଜାରି ରହିଛି। ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା, ଶ୍ରୀକାକୁଲମ, ଟେକାଲି, ନାରସନାପେଣ୍ଠା ଇତ୍ୟାଦି ବିଭିନ୍ନ ସ୍ଥାନକୁ ଯାଇ ଅନୁସନ୍ଧାନ ଜାରି ରଖିଥିବା ଜଣାପଡିଛି। ସେହିପରି ୫ରୁ୭ ଜଣଙ୍କୁ ସନ୍ଦେହରେ ଅଟକ ରଖାଯାଇଥିବା ଜଣାପଡ଼ିଛି। ତେବେ ଅନୁସନ୍ଧାନ ଚାଲିଥିବାରୁ ଏ ନେଇ ପୋଲିସ କିଛି ସ୍ପଷ୍ଟ ସୂଚନା ଦେଇନାହାଁ।

### ସ୍ୱତନ୍ତ୍ର ନିଯୁକ୍ତି ପରାମର୍ଶ ଶିବିର

ପାରଳାଖେମୁଣ୍ଡି ୬।୧୨(ସ୍ୱ.ପ୍ର.): ଗଜପତି ଜିଲା ଗୋଷାଣୀ ବ୍ଲକ ଅଫିସ୍ ପରିସରରେ ଗୁରୁବାର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନିଯୁକ୍ତି ପରାମର୍ଶ ଶିବିର ତଥା ଦକ୍ଷତା ହିଁ କ୍ଷମତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ଗତ ଅକ୍ଟୋବର ୧୦ତାରିଖରେ ତିତ୍‌ଲି ବାତ୍ୟାରେ ବହୁ ଲୋକ ସେମାନଙ୍କ ସବୁଦିନିଆ ରୋଜଗାର ହରାଇଛନ୍ତି । ଏହାକୁ ଦୃଷ୍ଟିରେ ରଖି ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନାରେ ସରକାର ରୋଜଗାର ବ୍ୟବସ୍ଥା ପାଇଁ ପଦକ୍ଷେପ ନେଇଛନ୍ତି । କାର୍ଯ୍ୟକ୍ରମରେ ବ୍ଲକ କାର୍ଯ୍ୟକ୍ରମ ଅଧିକାରୀ ମମତା ରାଉଳ ସଭାପତିତ୍ୱ କରିଥିଲେ ଓ ଜିଲା ଓର୍‌ମାସ ମୁଖ୍ୟ ଗୁଣ୍ଡିଚା ବେହେରା ଉକ୍ତ ଯୋଜନା ବିଷୟରେ ବୁଝାଇ ଥିଲେ । ଶିବିରରେ ୧୮ଟି କମ୍ପାନୀ ଯୋଗଦେଇଥିଲେ। ୬୮୧ଜଣ ଯୁବତୀ ଯୁବକ ନାମ ପଞ୍ଜୀକରଣ କରିଥିଲେ। ୧୯୨ଜଣଙ୍କୁ ତାଲିମ ପାଇଁ ଚୟନ କରାଯାଇଛି। ଶିବିରରେ ବ୍ଲକ ଅଧକ୍ଷା ସି.ଏଚ୍. ତାରକେଶ୍ୱରୀ, ବିଡିଓ ସଂଗ୍ରାମ ଶେଖର ପଣ୍ଡା, ଏବିଡିଓ ଅଭିମନ୍ୟୁ ସାହୁ, ଓର୍‌ମାସ ସଂଯୋଜକ କାର୍ତ୍ତିକ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ସିଲ୍ ହେଲା ସେଫ୍ ଚିଲ୍‌ଡ୍ରେନ୍ ହୋମ୍

- ସମସ୍ତ ଅନ୍ତେବାସୀଙ୍କୁ ସ୍ଥାନାନ୍ତର କଲା ପ୍ରଶାସନ
- ଖବର ସଂଗ୍ରହ ବେଳେ ଧରିତ୍ରୀ ଖବରଦାତାଙ୍କୁ ଶେଲ୍‌ଟର ହୋମ୍ ମାଲିକଙ୍କ ବିରୋଧ

ପାରଳାଖେମୁଣ୍ଡି/ଚନ୍ଦ୍ରଗିରି, ୬।୧୨(ସ୍ୱ.ପ୍ର./ଡି.ଏନ୍.ଏ.)


ଶିଶୁ ସୁରକ୍ଷା ୟୁନିଟ୍‌ର ଅଧିକାରୀମାନେ ଶେଲ୍‌ଟର ହୋମ୍‌ରେ ତଦାରଖ କରୁଛନ୍ତି ।

ଗଜପତି ଜିଲା ଚନ୍ଦ୍ରଗିରିସ୍ଥିତ 'ସେଫ ଚିଲ୍‌ଡ୍ରେନ୍ ହୋମ୍' ନାମକ ଘରୋଇ ଶେଲଟର ହୋମ୍‌କୁ ଗୁରୁବାର ଜିଲା ପ୍ରଶାସନ ପକ୍ଷରୁ ସିଲ୍ କରାଯିବା ସହ ସେଠାରେ ରହୁଥିବା ସମସ୍ତ ଅନ୍ତେବାସୀଙ୍କୁ ସ୍ଥାନାନ୍ତର କରାଯାଇଛି। ସେଫ ଚିଲ୍‌ଡ୍ରେନ୍ ହୋମ୍' ସରକାରୀ ଗ୍ରାମ୍ୟ ଜଙ୍ଗଲ ଜମିରେ ଗଡିଉଠିଥିବା ରାଜସ୍ୱ ନିରୀକ୍ଷକ ମିଖାଇଲ ରାଇକାଙ୍କ ସୂତ୍ରରୁ ସୂଚନା ମିଳିଛି। ଜିଲା ଶିଶୁ ସୁରକ୍ଷା ୟୁନିଟ ଅଧିକାରୀ ଅରୁଣ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଏକ ଟିମ୍ ଗୁରୁବାର ଉକ୍ତ ଶେଲଟର ହୋମ୍ ପରିଦର୍ଶନରେ ଯାଇଥିଲେ। ସେଠାରେ ଛାନଭିନ୍ କରିବା ସହ ବିଭିନ୍ନ ତଥ୍ୟ ସଂଗ୍ରହ କରିଥିଲେ। ଏହାପରେ ଏଠାକାର ଶିଶୁମାନଙ୍କୁ ସ୍ଥାନାନ୍ତର କରାଯାଇ 'ସେଫ ଚିଲ୍‌ଡ୍ରେନ୍ ହୋମ୍'କୁ ବନ୍ଦ କରି ଦିଆଯାଇଛି। ପୂର୍ବରୁ ମଧ ଏହି ଶେଲଟର ହୋମ୍ ଉପରେ ଚଢାଉ କରାଯାଇଥିଲା। କିଛିଦିନ ତଳେ ଢେଙ୍କାନାଳସ୍ଥିତ ଗୁଡ ନ୍ୟୁଜ୍ ଇଣ୍ଡିଆ ଶେଲଟର ହୋମ୍‌ରେ ଯୌନ ନିର୍ଯାତନା ଘଟଣା ପଦାକୁ ଆସିବା ପରେ ଗଜପତି ଜିଲାରେ ଥିବା ଘରୋଇ ଶେଲଟର ହୋମଗୁଡ଼ିକ ଉପରେ ପ୍ରଶାସନ ପକ୍ଷରୁ ଛାନଭିନ୍ ଚାଲିଛି। 'ସେଫ ଚିଲ୍‌ଡ୍ରେନ୍ ହୋମ୍'ରେ ଛାନଭିନ୍ ବେଳେ ସିଆର୍‌ସିସି ଶାନ୍ତନୁ ମହାପାତ୍ର, ମୋହନା ବ୍ଲକ ମଙ୍ଗଳ ଅଧିକାରୀ ରଞ୍ଜନ ଜେନା, ବ୍ଲକ ଶିକ୍ଷାଧିକାରୀ ଲିବ୍ନସ୍ ବାର୍ଲା ପ୍ରମୁଖ ଉପସ୍ଥିତ ଥିଲେ । ସ୍ଥାନୀୟ ଧରିତ୍ରୀ ପ୍ରତିନିଧି ଏଠାରେ ଫଟୋ ଉଠାଇବା ସମୟରେ ତାହାକୁ ଏହି ଶେଲଟର ହୋମ୍ ମାଲିକ ମିଳନ କୁମାର ନାୟକ ବିରୋଧ କରି ଝଗଡ଼ା କରିଥିଲେ। ଗଣମାଧମ ଯୋଗୁ ତାଙ୍କ ଶେଲଟର ହୋମ ବନ୍ଦ ହେଲା ବୋଲି ସେ ଅଭିଯୋଗ ଆଣିବା ସହ ଗଣମାଧମ ବିରୋଧରେ ବିଭିନ୍ନ ଆପତ୍ତିଜନକ କଥା କହିଥିଲେ। ଏ ସଂକ୍ରାନ୍ତରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ତ୍ରିପାଠୀଙ୍କୁ ପଚାରିବାରେ ଗଣମାଧମ ପ୍ରତିନିଧି ଓ ସମ୍ପୃକ୍ତ ଶେଲଟର ହୋମ୍ ମାଲିକଙ୍କ ମଧରେ ଯୁକ୍ତିତର୍କ ହୋଇଥିଲେ ମଧ ତାହାର କାରଣ ସେ ଜାଣିନଥିବା ପ୍ରକାଶ କରିଛନ୍ତି।

- କେରାଣ୍ଡି ସରପଞ୍ଚ ପଦବୀ ପାଇଁ ଉପନିର୍ବାଚନ ସରିଲା

# ୮୬ ପ୍ରତିଶତ ମତଦାନ

ରାୟଗଡ (ଗଜପତି), ୬।୧୨(ଡି.ଏନ.ଏ.)

ଗଜପତି ଜିଲା ରାୟଗଡ ବ୍ଲକ ଅଧୀନ କେରାଣ୍ଡି ଗ୍ରାମପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ଗୁରୁବାର ଉପନିର୍ବାଚନ ଶେଷ ହୋଇଛି। ପଞ୍ଚାୟତର ୧୧ଟି ୱାର୍ଡରେ ୧୧ଟି ବୁଥ୍ ଖୋଲାଯାଇ ଭୋଟ ଗ୍ରହଣ କରାଯାଇଥିଲା। ମୋଟ ୯୬୭ଜଣ ଭୋଟରଙ୍କ ମଧ୍ୟରୁ ୮୩୪ଜଣ ମତଦାନ କରିଛନ୍ତି। ୮୬ ପ୍ରତିଶତ ମତଦାନ ହୋଇଥିବା ସୂଚନା ମିଳିଛି। ପୂର୍ବତନ ସରପଞ୍ଚ ରାମ ଶବର ଗତ ସେପ୍ଟେମ୍ବର ମାସରେ ଶିକ୍ଷକ ପଦବୀରେ ନିଯୁକ୍ତି ପାଇବା ପରେ ସରପଞ୍ଚ ପଦବୀରୁ ଇସ୍ତଫା ଦେଇଥିଲେ। ଫଳରେ ସେବେଠାରୁ ସରପଞ୍ଚ ପଦବୀ ଖାଲିପଡିଛି। ଏଠାରେ ଉପନିର୍ବାଚନ ପାଇଁ ଗତ ନଭେମ୍ବର ମାସରେ ତାରିଖ ଘୋଷଣା ହେବା ପରେ ଗୋବର୍ଦ୍ଧନ ଭୂୟାଁ, ମାନ୍ତି ଶବର ଓ ଗଙ୍ଗାଧର ଶବର ପ୍ରାର୍ଥିପତ୍ର ଦାଖଲ କରି ଏହି ଦୌଡରେ ରହିଛନ୍ତି। ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡିଓ ଲୁକାସ ପ୍ରଧାନଙ୍କ ତତ୍ତ୍ୱାବଧାନରେ ନିର୍ବାଚନ ପରିଚାଳନା ହେଉଛି। ନିର୍ବାଚନ ପରିଚାଳନା ନିମନ୍ତେ ସହକାରୀ ନିର୍ବାହୀ ଯନ୍ତ୍ରୀ ଦିଲ୍ଲୀପ କୁମାର ସାହୁ ଓ କନିଷ୍ଠ ଯନ୍ତ୍ରୀ ଏସ୍.ଜେ. ଅଲ୍ଲିଙ୍କୁ ସେକ୍ଟର ଅଫିସର ଭାବେ ଦାୟିତ୍ୱ ଦିଆଯାଇଛି। ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଭୋଟ ଗଣତି କରାଯିବା ପରେ ଫଳାଫଳ ଘୋଷଣା ହେବ ବୋଲି ଜିପିଇଓ ଅନାମ ରାଇକା କହିଛନ୍ତି।

# ଭାଜପା ପକ୍ଷରୁ ଜନ ପରାମର୍ଶ ପଦଯାତ୍ରା


କର୍ମୀମାନେ ପଦଯାତ୍ରାରେ ଗାଁ ପରିକ୍ରମା କରୁଛନ୍ତି।

ଗୁମ୍ମା, ୬।୧୨(ଡି.ଏନ.ଏ.)

ଗଜପତି ଜିଲା ଗୁମ୍ମା ବ୍ଲକରେ ଗୁରୁବାର ଭାଜପା ପକ୍ଷରୁ ଜନ ପରାମର୍ଶ ପଦଯାତ୍ରା ଆୟୋଜିତ ହୋଇଯାଇଛି। ବ୍ଲକ ଭାଜପା ଉପସଭାପତି କେଦାରନାଥ କାର୍ଜୀଙ୍କ ନେତୃତ୍ୱରେ ଜିଲା ସଭାପତି ଜି. ଭେଙ୍କଟ ରାବଣା, କୃଷକ ସେଲ ସଭାପତି ପ୍ରଶାନ୍ତ କୁମାର ପାଳ, ଜଗନ୍ନାଥ ମହାପାତ୍ର ପ୍ରମୁଖ ପଦଯାତ୍ରାରେ ସାମିଲ ହୋଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। କେନ୍ଦ୍ର ସରକାର ବହୁ ଅନୁଦାନ ଯୋଗାଇଦେଉଥିଲେ ମଧ ରାଜ୍ୟ ସରକାର ତାହାର ସଦୁପୋଯୋଗ କରୁନଥିବା ଅଭିଯୋଗ ଆଣି ଏହି ନେତାମାନେ ସମାଲୋଚନା କରିଥିଲେ। ସେହିପରି ଜୋନ୍ -୩ର ସଭାପତି ମଧୁସୂଦନ ପାତ୍ରଙ୍କ ନେତୃତ୍ୱରେ ବିଭିନ୍ନ ଗ୍ରାମରେ ପଦଯାତ୍ରା ହୋଇଥିଲା। ଏଥିରେ ହେମନ୍ତ ପଣ୍ଡା, କୃଷ୍ଣଚନ୍ଦ୍ର ପାଇକଙ୍କ ସମେତ ବହୁ ନେତା ଓ କର୍ମୀ ସାମିଲ ଥିଲେ।

# ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ, ପ୍ରକଳ୍ପ ପ୍ରତିଯୋଗିତା

ପାରଳାଖେମୁଣ୍ଡି, ୬।୧୨(ସ୍ୱ.ପ୍ର.)


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାରଠାରୁ ଦୁଇଦିନିଆ ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଆରମ୍ଭ ହୋଇଛି। ରାଜ୍ୟ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଓ ଶିକ୍ଷା ଗବେଷଣା ପରିଷଦ ଏବଂ ରାଷ୍ଟ୍ରୀୟ ମାଧମିକ ଶିକ୍ଷା ଅଭିଯାନ ଆନୁକୂଲ୍ୟରେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ପ୍ରକଳ୍ପ ପ୍ରଦର୍ଶନୀ ଆୟୋଜନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଜିଲାପାଳ ଅନୁପମ ଶାହା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ହରିହର ପଣ୍ଡା ଯୋଗଦେଇ ବିଜ୍ଞାନ ମେଳାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଦର୍ଶନୀରେ ୨୧୨ଟିପ୍ରକଳ୍ପ ସ୍ଥାନ ପାଇଛି। ଜିଲାସ୍ତରୀୟ ପ୍ରଦର୍ଶନୀରେ ଚୟନ ପ୍ରକଳ୍ପ ୨୦୧୯ ଜାନୁୟାରୀରେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସ୍ଥାନପାଇବ। ଉକ୍ତ କାର୍ଯ୍ୟକ୍ରମରେ ପରିଚାଳକ ତଥା ଜିଲା ବିଜ୍ଞାନ ନିରୀକ୍ଷକ ସାମ୍ବିକ କୁମାର ପଟ୍ଟନାୟକ ସଭାପତିତ୍ୱ କରି ଏଭଳି ପ୍ରଦର୍ଶନୀ ଛାତ୍ରୀଛାତ୍ରମାନଙ୍କୁ ବୈଜ୍ଞାନିକ ହେବା ପାଇଁ ଆକର୍ଷଣ ତଥା ପ୍ରେରଣା ଯୋଗାଇଥାଏ ବୋଲି କହିଥିଲେ । ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ, ସହକାରୀ ଜିଲା ଶିକ୍ଷାଧିକାରୀ ମନୋରଞ୍ଜନ ଦଳେଇ, ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବି.ଭି.ରାଓ, ଏନ୍‌ସିସି ଶିକ୍ଷକ ହରିହର ଦାସଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଏନ୍‌ସିସି କ୍ୟାଡେଟ୍‌ମାନେ ଉପସ୍ଥିତ ଥିଲେ ।

# ରଇତ ସଂଘର କାର୍ଯ୍ୟକାରୀ କମିଟି ବୈଠକ

କାଶୀନଗର, ୬।୧୨(ଡି.ଏନ.ଏ.)

ଗଜପତି ଜିଲା କାଶୀନଗର ସହରସ୍ଥ ବ୍ଲକ- ହସପିଟାଲ ଛକରେ ଥିବା ରଇତ ସଂଘ କାର୍ଯ୍ୟାଳୟରେ ସଂଘର କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ଉପଦେଷ୍ଟା ପ୍ରଶାନ୍ତ ମିଶ୍ର ସଭାପତିତ୍ୱ କରିଥିଲେ। ସମ୍ପାଦକ ରଘୁରାମ ସାହୁ ବିବରଣୀ ପାଠ କରିଥିଲେ। ସର୍ବସମ୍ମତି କ୍ରମେ ୪ଟି ପ୍ରସ୍ତାବ ଗୃହୀତ ହୋଇଥିଲା। ସ୍ୱାସ୍ଥ୍ୟଗତ ସମସ୍ୟା ନ ଥାଇ କୌଣସି ସଦସ୍ୟ ଲଗାତର ୩ଟି ବୈଠକରେ ଅନୁପସ୍ଥିତ ରହିଲେ ତାଙ୍କର ସଦସ୍ୟତା ରଦ୍ଦ ହୋଇଯିବ ବୋଲି ସୂଚନା ଦିଆଯାଇଥିଲା। ଚାଷୀମାନଙ୍କ ଲାଗି ଟମୋଟୋ, ଲଙ୍କା, ଅମୃତଭଣ୍ଡା, ବାଇଗଣ ଆଦି ଚାରା ଯୋଗାଇବାକୁ ସ୍ଥାନୀୟ ଉଦ୍ୟାନ ବିଭାଗ ଅଧିକାରୀଙ୍କୁ ଲିଖିତ ଭାବେ ଅନୁରୋଧ କରାଯିବ। ସେହିପରି ଚିନାବାଦାମ, ସୂର୍ଯ୍ୟମୁଖୀ, ରାଶି, ମାଣ୍ଡିଆ ଆଦି ବିହନ ଓ ସ୍ପ୍ରେ ମେଶିନ ଯୋଗାଇଦେବା ପାଇଁ କୃଷି ଓରସିଅରଙ୍କୁ ଅନୁରୋଧ କରାଯିବ। ଏକ ଦୁର୍ଘଟଣାରେ ଆହତ ହୋଇଥିବା ଚାଷୀ ୱାଇ.ଗଜପତିଙ୍କୁ ସଂଘ ତରଫରୁ ସହାୟତା ଯୋଗାଇ ଦିଆଯାଇଛି। ସମ୍ପାଦକଙ୍କ ସହ ଉପସଭାପତି ୱାଇ.ଧନଞ୍ଜୟ, କେ.ରାମାରାଓ, କୋଷାଧକ୍ଷ ବସନ୍ତ ଦାମୋଦର, ଏସ୍. ତାତେୟା ପ୍ରମୁଖ ଉକ୍ତ ଚାଷୀଙ୍କ ଗ୍ରାମକୁ ଯାଇ ସହାୟତା ପ୍ରଦାନ କରିଥିଲେ। ତାଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ସଂଘ କର୍ମକର୍ତ୍ତାମାନେ ଦାବି କରିଛନ୍ତି।

# ବିଶ୍ୱ ମୃତ୍ତିକା ଦିବସ ପାଳିତ


କାର୍ଯ୍ୟକ୍ରମରେ ଉପସ୍ଥିତ ବିଭାଗୀୟ ଅଧିକାରୀ ଏବଂ ଅନ୍ୟମାନେ ।

ଗୁମ୍ମା, ୬।୧୨(ଡି.ଏନ.ଏ)

ଗଜପତି ଜିଲା ଗୁମ୍ମା ବ୍ଲକର କୁତାମ ଗ୍ରାମରେ ବୁଧବାର ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ଏଥିରେ ସହକାରୀ କୃଷି ଅଧିକାରୀ ସଚ୍ଚିନ୍ଦ୍ର ସେଠୀ ଯୋଗଦେଇ ମୃତ୍ତିକା ପରୀକ୍ଷା, ମୃତ୍ତିକା ପରିଚାଳନା ଏବଂ ସୁସ୍ଥ ମୃତ୍ତିକା ପାଇଁ ସମନ୍ୱିତ ଖାଦ୍ୟ ସାର ପରିଚାଳନା ସମ୍ପର୍କରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମକୁ ରଶ୍ମି ଭୂୟାଁ ପରିଚାଳନା କରିଥିବା ବେଳେ କୃଷି ଅଧିକାରୀ ଶିବପ୍ରସାଦ ବୈଦ୍ୟଭୂଷଣ, ଆତ୍ମା ଗ୍ରୁପ ବିଟିଏମ୍, ବିଏଲ୍‌ଟିଏ, ଭିଏଡବ୍ଲ୍ୟୁଙ୍କ ସମେତ ଚାଷୀମାନେ ଉପସ୍ଥିତ ଥିଲେ।

# ପୋଲ ତଳକୁ ଖସିଲା ଟ୍ରକ୍

ପଟ୍ଟାଙ୍ଗି,୬।୧୨(ଡି.ଏନ୍.ଏ.):


ପୋଲତଳକୁ ଖସିପଡିଥିବା ଟ୍ରକ୍।

କୋରାପୁଟ ଜିଲା ପଟ୍ଟାଙ୍ଗି ଥାନା ମାଳିପୁଟ ପଞ୍ଚାୟତ ନିକଟରେ ବାରଚକିଆ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଛି। ଡ୍ରାଇଭର ଓ ହେଲପର ଏଥିରୁ ବର୍ତ୍ତିଯାଇଛନ୍ତି। ଆନ୍ଧ୍ରର ସାଲୁର ଅଞ୍ଚଳର ଟ୍ରକ (ଏପି ୩୫ ଏକ୍ସ ୭୫୫୯) ନବରଙ୍ଗପୁର ଜିଲା ଉମରକୋଟରୁ ମକା ମଞ୍ଜି ଲୋଡ୍‌କରି ଗୁରୁବାର ଭୋର ପ୍ରାୟ ୪ଟା ୩୦ରେ ବିଜୟନଗରମ ଫେରୁଥିଲା। ମାଳିପୁଟ ପଞ୍ଚାୟତ ଓ ବାଲିଘାଟ ମଧରେ ରାଜପଥ ଉପରେ ସାମ୍ନାକୁ ଗାଈ ଚାଲିଆସିବାରୁ ଡ୍ରାଇଭର ପି. ଶ୍ରୀନୁ ନିୟନ୍ତ୍ରଣ ହରାଇଥିଲେ। ଫଳରେ ପୋଲ ତଳକୁ ଗାଡ଼ି ଖସିପଡ଼ିଥିଲା। ସେହି ରାସ୍ତାରେ ଯାଉଥିବା ମାଳିପୁଟ ଗ୍ରାମର କେତେକ ଲୋକ ଟ୍ରକ୍ ଭିତରୁ ଡ୍ରାଇଭର ଶ୍ରୀନୁ ଓ ହେଲପରଙ୍କୁ ଉଦ୍ଧାର କରିଥିଲେ। ଖବର ପାଇ ସ୍ଥାନୀୟ ପୋଲିସ ସେଠାରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌ର କାଗଜପତ୍ର ଜବତ କରି ତଦନ୍ତ ଆରମ୍ଭ କରିଛି।

# ପଞ୍ଚାୟତର ବିକାଶ ନେଇ ବୈଠକ

ପାରଳାଖେମୁଣ୍ଡି, ୬।୧୨(ସ୍ୱ.ପ୍ର.)

ଗଜପତି ଜିଲା ଗୁମ୍ମା ବ୍ଲକ ନାମନଗଡ ପଞ୍ଚାୟତର ବିକାଶ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବରିଷ୍ଠ କଂଗ୍ରେସ ନେତା ତିରୁପତି ପାଣିଗ୍ରାହୀ ଯୋଗଦେଇ ନାମନଗଡ ପଞ୍ଚାୟତର ପ୍ରତ୍ୟେକ ଗ୍ରାମକୁ କିଭଳି ପାନୀୟଜଳ, ବିଦ୍ୟୁତ ସଂଯୋଗ, ଗମନାଗମନ, ସ୍ୱାସ୍ଥ୍ୟ ଓ ଶିକ୍ଷା ସୁବିଧା ମିଳିପାରିବ ସେ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ସେହିପରି ତିତ୍‌ଲି ବାତ୍ୟାରେ କ୍ଷତିଗ୍ରସ୍ତ ଲୋକଙ୍କୁ କ୍ଷତିପୂରଣ ଓ ସରକାରୀ ସହାୟତା ଦିଆଯିବା, ରାଶନ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା ଆଦି ଯୋଗାଇବା ସମ୍ପର୍କରେ ମଧ ଆଲୋଚନା ହୋଇଥିଲା। ଏହି ବୈଠକରେ ବରିଷ୍ଠ କଂଗ୍ରେସ ନେତା, ଜି.ତିରୁପତି ରାଓ, କ୍ଷେତ୍ରୀବର ବିଶୋୟୀ, ଗୁଞ୍ଜୁ ଗମାଙ୍ଗ ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କ ସହ ବିଚାର ବିମର୍ଶ କରିଥିବାବେଳେ ପଞ୍ଚାୟତର ବହୁବାସିନ୍ଦା ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଅତିଥିମାନେ ।

- ଜିଲାସ୍ତରୀୟ ଗୃହରକ୍ଷୀ ବାହିନୀ ଦିବସ

# 'ଗୁରୁଦାୟିତ୍ୱ ବହନ କରୁଛନ୍ତି ଗୃହରକ୍ଷୀ'

ପାରଳାଖେମୁଣ୍ଡି, ୬।୧୨(ସ୍ୱ.ପ୍ର.)


ପରେଡ ଅଭିବାଦନ ଗ୍ରହଣ କରୁଛନ୍ତି ଏସ୍‌ପି ଅମୂଲ୍ୟ କୁମାର ଦାସ ।

ଗଜପତି ଜିଲା ପାରଳାଖେମୁଣ୍ଡି ସହର ଉପକଣ୍ଠ ବେତାଗୁଡାସ୍ଥିତ ରିଜର୍ଭ ପୋଲିସ ପଡିଆରେ ଗୁରୁବାର ୫୬ତମ ଜିଲାସ୍ତରୀୟ ଗୃହରକ୍ଷୀ ବାହିନୀ ଦିବସ ପାଳିତ ହୋଇ ଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଏସ୍‌ପି ଅମୂଲ୍ୟ କୁମାର ଦାସ ଯୋଗଦେଇ ପରେଡ ଅଭିବାଦନ ଗ୍ରହଣ କରିବା ସହ ଦେଶର ସୁରକ୍ଷା ପାଇଁ ଶହୀଦ ହୋଇଥିବା କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏସ୍‌ପି ଦାସ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଗୃହରକ୍ଷୀ ବାହିନୀ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ । ଦେଶର ସୁରକ୍ଷା ନିମନ୍ତେ ପୋଲିସ ବାହିନୀକୁ ସହଯୋଗ କରିବା ଉଦ୍ଦେଶ୍ୟରେ ୧୯୬୧ ମସିହାରେ ଏହା ସ୍ଥାପନ କରାଯାଇଥିଲା। ସେବେଠାରୁ ସାମାଜିକ ସୁରକ୍ଷା, ଶାନ୍ତି ପ୍ରତିଷ୍ଠା, ପ୍ରାକୃତିକ ବିପର୍ଯ୍ୟୟ, ଟ୍ରାଫିକ ନିୟନ୍ତ୍ରଣ ଆଦି ବିଭିନ୍ନ କ୍ଷେତ୍ରରେ ଗୃହରକ୍ଷୀମାନେ ଗୁରୁ ଦାୟିତ୍ୱ ବହନ କରିଆସୁଛନ୍ତି। ଏହି ଅବସରରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଗୃହରକ୍ଷୀ ବାହିନୀ ମହାନିର୍ଦ୍ଦେଶକଙ୍କ ବାର୍ତ୍ତା ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ଓଏସଏପି ୩ୟ ଏସଏସ ବାଟାଲିୟନ କମାଣ୍ଡର ଜି.କିଶୋର କୁମାର ସୁବୁଦ୍ଧି, ଆସିଷ୍ଟାଣ୍ଟ କମାଣ୍ଡର ସୁନ୍ଦର ସିଂ କହଁର, ଡିଏସ୍‌ପି ଗୌତମ କୁମାର ମଲ୍ଲିକ, ପାରଳାଖେମୁଣ୍ଡି ଏସଡିପିଓ ଠାକୁର ପ୍ରସାଦ ପାତ୍ର, ଗୃହରକ୍ଷୀ ବିଭାଗର ରିଜର୍ଭ ଇନ୍ସପେକ୍ଟର ଦୁର୍ଯ୍ୟୋଧନ ବେହେରା, ପାରଳାଖେମୁଣ୍ଡି ଥାନାଧିକାରୀ ବାବୁଲି ନାୟକଙ୍କ ସମେତ ବହୁ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଶୁକ୍ରବାର, ଡିସେମ୍ବର ୭/୨୦୧୮ Rayagada, Friday, December 7/ 2018

# ଘାଟକୁ ଡଙ୍ଗାଦେବାକୁ ବିଡିଓଙ୍କୁ ଭେଟିଲେ ଗ୍ରାମବାସୀ

ଚିତ୍ରକୋଣ୍ଡା,୬।୧୨

ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ଗୁଣ୍ଠାୱାଡା ପଞ୍ଚାୟତ ଆରଙ୍ଗୀ ଘାଟରେ ଚିତ୍ରକୋଣ୍ଡାରୁ ଗୁଣ୍ଠାୱାଡା ଅଞ୍ଚଳକୁ ଯିବାକୁ ୨ଟି ଦେଶୀ ଡଙ୍ଗା ପ୍ରଶାସନ ତରଫରୁ ମିଳିଛି। ମାତ୍ର ୨ଟି ଯାକ ଡଙ୍ଗା ଫାଟି କଣା ହୋଇ ଯାଇଥିବାରୁ ଲୋକେ ବିପଦସଙ୍କୁଳ ଭାବେ ଚିତ୍ରକୋଣ୍ଡା ସିଲେରୁ ନଦୀରେ ଆରଙ୍ଗୀ ଘାଟକୁ ଯାତାୟାତ କରୁଛନ୍ତି। ଏହି ଘାଟକୁ ଏକ ନୂତନ ଡଙ୍ଗା ଯୋଗାଇ ଦେବା ଲାଗି ଆରଙ୍ଗୀ ଗ୍ରାମବାସୀ ଗଙ୍ଗାଧର ବଡନାୟକଙ୍କ ନେତୃତ୍ୟରେ ଗୁରୁବାର ବିଡ଼ିଓ ଲରିମନ


ଗ୍ରାମବାସୀ ବିଡିଓଙ୍କୁ ଭେଟୁଛନ୍ତି ।

ଖରସେଲଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ପୁରୁଣା ଡଙ୍ଗାକୁ ତୁରନ୍ତ ମରାମତି କରିଦେବା ସହ ଏକ ମାସ ଭିତରେ ଏକ ନୂଆ ଡଙ୍ଗା ଯୋଗାଇ ଦେବାକୁ ବିଡିଓ ପ୍ରତିଶ୍ରୁତି ଦେଇଥିଲେ।

# ଆମ୍ବେଦକରଙ୍କ ମହାପ୍ରୟାଣ ଦିବସ ପାଳିତ

ମାଲକାନଗିରି,୬।୧୨ (ଡି.ଏନ.ଏ.)

ମାଲକାନଗିରି ଜିଲା ସଦର ମହକୁମାରେ ସମ୍ବିଧାନ ପ୍ରଣେତା ଭୀମରାଓ ଆମ୍ବେଦକରଙ୍କ ୬୩ତମ ମହାପରାୟଣ ଦିବସ ପାଳିତ ହୋଇଛି। ବିଧାୟକ ମାନସ ମାଡକାମି, ଜିଲାପାଳ ମନୀଷ ଅଗ୍ରୱାଲ, ପ୍ରକଳ୍ପ ନିର୍ଦ୍ଦେଶକ ଲିଙ୍ଗରାଜ ପଣ୍ଡା , ରାମ କୃଷ୍ଣ ଗଣ୍ଡ , ସୂଚନା ଓ ଲୋକ ସମ୍ପର୍କ ଭାରପ୍ରାପ୍ତ ଅଧିକାରୀ ଗୁଣନିଧି ନାୟକ ବିଭିନ୍ନ ବିଭାଗର ପଦାଧିକାରୀ ଓ ଜନଜାତି ସଂଘର ସଭ୍ୟା ସଭ୍ୟ ଉପସ୍ଥିତ ଥିଲେ। ବସ୍‌ଷ୍ଟାଣ୍ଡଠାରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

# ଝୁଲନ୍ତା ମୃତଦେହ ଉଦ୍ଧାର

କାଳିମେଲା,୬।୧୨(ଡି.ଏନ୍.ଏ.)

କାଳିମେଲା ବ୍ଲକ ମହାରାଜପାଲ୍ଲୀ ପଞ୍ଚାୟତର ଏମଭି-୮୧ ଗ୍ରାମରେ ଥିବା ଏକ ପିଜୁଳି ଗଛରୁ ଝୁଲନ୍ତା ଅବସ୍ଥାରେ ଜଣେ ନାବାଳକଙ୍କ ମୃତଦେହ ମୋଟୁ ପୋଲିସ ଉଦ୍ଧାର କରିଛି। ସେ ହେଲେ ଉକ୍ତ ଗ୍ରାମର ନେପାଳ ଦାସଙ୍କ ପୁଅ ଦେବବ୍ରତ (୧୫)। ଦେବବ୍ରତ ବୁଧବାର ସକାଳେ ବିଲକୁ ଧାନ କାଟିବା ପାଇଁ ଯାଇଥିଲେ। ଅପରାହ୍ନରେ ଘରକୁ ଖାଇବାକୁ ଆସିଥିଲେ। ପୁଣି ଜମିକୁ ଯାଉଛି କହି ଘରୁ ବାହାରି ଯାଇଥିଲେ। କିନ୍ତୁ ସେ ଆଉ ରାତିରେ ଘରକୁ ଫେରି ନ ଥିଲେ। ଗୁରୁବାର ସକାଳେ ପିଜୁଳି ଗଛରେ ଦେବବ୍ରତଙ୍କ ମୃତଦେହ ଗ୍ରାମବାସୀ ଦେଖି ପୋଲିସକୁ ଖବର ଦେଇଥିଲେ। ୯/୧୮ରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ମୃତଦେହ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

# ବିଦ୍ୟାଳୟ ନୂତନ ପରିଚାଳନା କମିଟି ଗଠିତ

ବାଲିମେଲା,୬।୧୨(ଡି.ଏନ୍.ଏ.)–

ମାଲକାନଗିରି ଜିଲା କୋରକୋଣ୍ଡା ବ୍ଲକ ଅଧୀନ ତାର୍ଲାକୋଟା ପଞ୍ଚାୟତର ତାର୍ଲାକୋଟା ଉଚ୍ଚ ବିଦ୍ୟାଳୟରେ ଦୀର୍ଘଦିନ ଅଶାନ୍ତ ବାତାବରଣ ଲାଗି ରହିଥିଲା। ବିଦ୍ୟାଳୟ ପରିଚାଳନା କମିଟି ଗଠନ ନେଇ ସଂକଟ ଦେଖାଦେଇଥିଲା। ଏବେ ତାହା ଦୂର ହୋଇଛି। ପରିଚାଳନା କମିଟି ଗଠିତ ହୋଇଛି। ତେବେ ପୂର୍ବରୁ ବିନା କମିଟି ବୈଠକରେ ସବୁ ହେଉଥିବା ବେଳେ ଏବେ କମିଟିର ଆବଶ୍ୟକତା ନେଇ କେତେକ ପ୍ରଶ୍ନ ଉଠାଇଥିଲେ। ବୈଠକରେ ବିଦ୍ୟାଳୟ ପରିଚାଳନା କମିଟିର ଉଦ୍ଦେଶ୍ୟ ଓ କାର୍ଯ୍ୟ ସମ୍ପର୍କରେ ସିଆରସିସି ପୁରୁଷୋତ୍ତମ ବେହେରା ବୁଝାଇଥିଲେ। ପରିଚାଳନା କମିଟି ବୈଠକ ପ୍ରତି ମାସରେ ଥରେ ବସିବ। ବିନା ବୈଠକରେ ଏସ୍‌ଏମ୍‌ସି ଓ ମଧ୍ୟାହ୍ନ ଭୋଜନ ପାଇଁ ଥିବା ପାସ୍‌ବୁକ୍‌ରୁ ଟଙ୍କା ଉଠାଯାଇ ପାରିବନି ବୋଲି ପ୍ରଧାନଶିକ୍ଷକ କରୁଣାକର ମଲ୍ଲିକ କହିଥିଲେ। ସୂଚନାଯୋଗ୍ୟ ଯେ, ଉଚ୍ଚ ବିଦ୍ୟାଳୟ ସହ ବିଦ୍ୟାଳୟର ମିଶ୍ରଣ ପୂର୍ବରୁ ପୂର୍ବତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ତତ୍କାଳୀନ ପ୍ରଧାନଶିକ୍ଷକ ରଜନୀକାନ୍ତ ନାୟକଙ୍କ ବିରୋଧରେ ବିଭିନ୍ନ ଅଭିଯୋଗ ଆଣି ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟାସଭ୍ୟ ଗତ ଅକ୍ଟୋବର ମାସରେ ଇସ୍ତଫା ଦେଇଥିଲେ । ବୈଠକରେ କୋରକୋଣ୍ଡା ବ୍ଲକ ପୂର୍ବତନ ଅଧ୍ୟକ୍ଷ ମଣିଶଙ୍କର ମଜୁମଦାର, ସରପଞ୍ଚ ସୋମନାଥ ବାର୍ସେ, ହରିବନ୍ଧୁ ନାୟକ, ଘେନୁ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅଭିଭାବକଙ୍କ ମଧ୍ୟରୁ ୬ ଜଣ ପୁରୁଷ ଓ ୬ଜଣ ମହିଳା ପରିଚାଳନା କମିଟି ସଭ୍ୟାସଭ୍ୟ ଭାବେ ମନୋନୀତ ହୋଇଥିଲେ। । ସଭାପତି ଭାବେ ସୁବାସ ଭୂୟାଁ , ଉପସଭାପତି ସୁନିତା ଅଣ୍ଡାଲ ମନୋନୀତ ହୋଇଥିଲେ।

# ଶିକ୍ଷକ କର୍ମଶାଳା

ଗୋବିନ୍ଦପାଲ୍ଲି,୬।୧୨(ଡି.ଏନ୍.ଏ.)

ଖଇରପୁଟ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଶିକ୍ଷକମାନଙ୍କୁ ନେଇ ଏକ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲା ପ୍ରକଳ୍ପ ସଂଯୋଜକ ମାନସ କୁମାର ଜେନା, ପେଡାଗୋଜି ସଂଯୋଜକ ମାନସ ଦାସ, ବିଇଓ ଶଶୀଭୂଷଣ ମିଶ୍ର, ଏବିଇଓ ଶିବାନୀ ମୁଦୁଲି, ସିଆରସିସିମାନେ ଉପସ୍ଥିତ ଥିଲେ । ଶିକ୍ଷାର୍ଥୀମାନଙ୍କର ଶିକ୍ଷଣସ୍ତର କିପରି ଉନ୍ନତ ହେବ, ଲେସନ୍ ନୋଟ୍ କିପରି ଲେଖାଯିବ, ପିଲାଙ୍କ ଉପସ୍ଥାନ ବୃଦ୍ଧି ସହ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମୟାନୁବର୍ତ୍ତିତା, ମୋ ସ୍କୁଲ ଅଭିଯାନ, ପୋଷାକ ବିତରଣ ଉପରେ ଆଲୋଚନା ହୋଇଥିଲା ।


## ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ

## ହକି ଓଡ଼ିଶାରେ ବିଶ୍ୱ

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ' । ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡଓ୍ୱାର୍କ ନୁହେଁ ସ୍ମାର୍ଟଓ୍ୱାର୍କ, #ମି ଟୁ: ପୁରୁଷ-ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ମୂଲ୍ୟ: ୮୦**

**ଯୋଗାଯୋଗ:**

**ରାୟଗଡ଼ା, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ଗଜପତି:**

ଶୀତେନ୍ଦ୍ର ପତଙ୍ଗ (୯୪୩୭୩୯୧୧୯୨/୯୯୩୮୫୦୫୩୩)

ଦୂରଭାଷ: ୦୬୭୪-୨୫୮୦୧୦୧/୨୫୪୯୩୦୨












Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ

### ମହିଳାଙ୍କ ଆତ୍ମହତ୍ୟା

ଝରିଗାଁ,୬।୧୨(ସ୍ୱ.ପ୍ର)- ନବରଙ୍ଗପୁର ଜିଲା ଝରିଗାଁ ଥାନା ଅନ୍ତର୍ଗତ ସଣ୍ଡସା ଗ୍ରାମର ଖଗେନ୍ତି ମାଝୀ(୩୦) ବୁଧବାର ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ତୁଳାରାମ ମାଝୀଙ୍କ ସ୍ତ୍ରୀ ଖଗେନ୍ତି ମାଝୀ(୩୦) ବୁଧବାର ଘର ଠାରୁ କିଛି ଦୂରରେ ରହିଥିବା ପୋଖରୀକୁ ଲୁଗା ସଫା କରିବା ପାଇଁ ଯାଇଥିଲେ।ସନ୍ଧ୍ୟାରେ ପୋଖରୀ ନିକଟରେ ରହିଥିବା ଲିମ୍ବ ଗଛରେ ବେକରେ ଗାମୁଛା ଲଗାଇ ଖଗେନ୍ତି ଝୁଲୁଥିବା ପରିବାର ଲୋକ ଦେଖିଥିଲେ। ଖବର ପାଇ ଝରିଗାଁ ଥାନା ଅଧିକାରୀ ପ୍ରମୋଦ କୁମାର ନାୟକ, ଏସଆଇ ରାମ ଚନ୍ଦ୍ର ଅଗସ୍ତି ପ୍ରମୁଖ ଗୁରୁବାର ସକାଳେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଥାନାରେ ନଂ ୧୨୫/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### କମନ ସର୍ଭିସ ସେଣ୍ଟର ମୁଖ୍ୟକାର୍ଯ୍ୟାଳୟ ଉଦ୍‌ଘାଟିତ



ଚନ୍ଦାହାଣ୍ଡି,୬।୧୨(ଡି.ଏନ.ଏ.) ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ସଦର ମହକୁମାଠାରେ କମନ ସର୍ଭିସ ସେଣ୍ଟରର ମୁଖ୍ୟ କାର୍ଯ୍ୟାଳୟ ଗୁରୁବାର ଉଦ୍‌ଘାଟିତ ହୋଇଛି । ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଟିକମ ସିଂନାୟକ ଯୋଗଦେଇ କାର୍ଯ୍ୟାଳୟ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ହର ପୂଜାରୀ, ଲଛମନ ମାଝି, ଖବରଦାତା ଦିଲୀପ କୁମାର ଦାସ, ଜିଲା ମ୍ୟାନେଜର ଏମଡି ଅନିସ, ବ୍ଲକର ୧୪ଟି କମନ ସର୍ଭିସ ସେଣ୍ଟରରୁ ସଚିନ୍ଦ୍ର ସାହୁ, ଲତିକ ବେଶ୍ରା, ଉମେଶ ଚନ୍ଦ୍ର ବାରିକ, ଅରକ୍ଷିତ ଗୌଡ, ଟେକରାମ ମନହିରା, କବନ୍ଧ ନାୟକ, ସୁଜିତ ଦଣ୍ଡସେନା, ସୁଶାନ୍ତ କୁମାର ସାହୁ, ମୁରଲି ନାୟକ, ରୁପସିଂ ଗୋପାଳ, ନିରଞ୍ଜନ କେଉଟ, ଟିକେଲାଲ ସାହୁ ପ୍ରମୁଖ ଯୋଗ ଦେଇଥିଲେ। କମନ ସର୍ଭିସ ସେଣ୍ଟର ଦ୍ୱାରା ଜନସାଧାରଣ ଜୀବନ ପ୍ରମାଣପତ୍ର , ବ୍ୟାଙ୍କିଙ୍ଗ ସୁବିଧା, ବିଦ୍ୟୁତ ବିଲ ପଇଠ,କମ୍ପ୍ୟୁଟର କୋର୍ସ, ବିଭିନ୍ନ ସରକାରୀ ସୁବିଧା, ବିଭିନ୍ନ ପ୍ରକାର ଦକ୍ଷତା ବିକାଶର ତାଲିମ, ବିଭିନ୍ନ ପ୍ରକାର ଯାନବାହାନର ବୀମାକରଣ ସୁବିଧା ସହଜରେ ପାଇପାରିବେ। ଦିବ୍ୟାଙ୍ଗଙ୍କୁ ବିନା ମୂଲ୍ୟରେ କମ୍ପ୍ୟୁଟର ତାଲିମ କୋର୍ସ ତଥା ଦକ୍ଷତା ବିକାଶ ସହ ସେମାନଙ୍କୁ ତିନିମାସ ପାଇଁ ମାସକୁ ଏକ ହଜାର ଟଙ୍କା ଷ୍ଟାଇପେଣ୍ଡ ଯୋଗାଇ ଦିଆଯିବ ବୋଲି ଜିଲା ମ୍ୟାନେଜର ଅନିସ ସୂଚନା ଦେଇଥିଲେ।

■ ଧାନଗଦାରେ ନିଆଁ ଲାଗିବା ଘଟଣା

# କ୍ଷତିପୂରଣ ଦାବିରେ ଚାଷୀଙ୍କ ରାସ୍ତାରୋକୋ

ନବରଙ୍ଗପୁର,୬।୧୨(ବି.ପ୍ର.)

ନବରଙ୍ଗପୁର ବ୍ଲକ ବଡମସିଗାଁରେ ଏକ ଧାନ ଖଳାରେ ନିଆଁଲାଗି ୩୯ ଜଣ ଚାଷୀଙ୍କ ୬୦ ଏକର ଫସଲର ଧାନ ଗଦା ବୁଧବାର ଜଳିଯାଇଛି। କେଉଁ କାରଣରୁ ଗଦାରେ ନିଆଁ ଲାଗିଲା । ତାହା ଚାଷୀ ଏଯାଏ ଜାଣି ପାରୁ ନାହାନ୍ତି । ଏନେଇ ଚାଷୀ ମାନେ ଗୁରୁବାର ସକାଳ ୬ଟାରୁ ବଡମସିଗାଁ –ନବରଙ୍ଗପୁର ରାସ୍ତାରେ ନିଆଁ ଲଗାଇ ରାସ୍ତା ଅବରୋଧ କରିଥିଲେ । ବସ ଓ ମାଲବାହି ଟ୍ରକ ଗୁଡିକ ଯାତାୟତ ବାଧାପ୍ରାପ୍ତ ହୋଇଥିଲା । ଖବର ପାଇଁ ନବରଙ୍ଗପୁର ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ମନୋହର ରନ୍ଧାରୀ, ତଦସିଲଦାର ଅକ୍ଷୟ କୁମାର ଖେମୁଣ୍ଡୁ, ରାଜସ୍ୱ ନିରିକ୍ଷକ ଲୋକନାଥ



ଚାଷୀଙ୍କ ସହ ବିଧାୟକ ଆଲୋଚନା କରୁଛନ୍ତି ।

ପଟ୍ଟନାୟକ, ସରପଞ୍ଚ ଚନ୍ଦ୍ର ଶେଖର ଚଲାଣ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ସରକାରଙ୍କ ପକ୍ଷରୁ କ୍ଷତିପୂରଣ ପାଇଁ ସହଯୋଗ କରାଯିବ ବୋଲି ବିଧାୟକ କହିଥିଲେ । ତହସିଲଦାର କ୍ଷୟକ୍ଷତି ହୋଇଥିବା ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରିବେ ଓ ରିଲିଫ କୋର୍ଡରୁ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା । ସପ୍ତାହକ ମଧ୍ୟରେ କ୍ଷତି ପୂରଣ ନମିଳିଲେ ଚାଷୀମାନେ ପୁନଃ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ଜଣାଛନ୍ତି । ଧାନ ଗଦା ଜଳିଯିବା ନେଇ ଚାଷୀଙ୍କ ଦୁଃଖରେ ବଡମସିଗାଁ ଠାରେ ଗୁରୁବାର ହେବାକୁ ଥିବା ଧାନମଣ୍ଡି ଦିନକ ପାଇଁ ବନ୍ଦ କରାଯାଇଛି । ଏନେଇ ବଡମସିଗାଁ ଓ ବାସୀନି ପଞ୍ଚାୟତର ବିଭାଗ ଗାଁରୁ ଆସିଥିବା ଧାନ ଗୁଡିକ ଚାଷୀ ମାନେ ପୁଣି ଘରକୁ ଫେରାଇ ନେଇଥିଲେ ।

# ଆଜିଠୁ ଲୋକ ମହୋତ୍ସବ ମଣ୍ଡେଇ

■ ମା' ଭଣ୍ଡାରଘରଣୀ ମନ୍ଦିରରେ ହେବ ପୂଜାର୍ଚ୍ଚନା
■ ସାଂସ୍କୃତିକ ଶୋଭାଯାତ୍ରାରେ ମଣ୍ଡେଇ ପଡିଆରେ ପହଞ୍ଚିବ ମଶାଲ
■ ପଲ୍ଲିଶ୍ରୀ ମେଳାରେ ୨୫୦ ଷ୍ଟଲ

ନବରଙ୍ଗପୁର,୬।୧୨(ବି.ପ୍ର.)

ନବରଙ୍ଗପୁର ଜିଲାସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ ୨୦୧୮ ଶୁକ୍ରବାର ଠାରୁ ଆରମ୍ଭ ହେବ। ୭,୮ ଓ ୯ ତାରିଖ ୩ ଦିନ ଧରି ଏହା ଅନୁଷ୍ଠିତ ହେବ। ସେହିପରି ପଲ୍ଲୀଶ୍ରୀ ମେଳା ୧୧ ତାରିଖ ପର୍ଯ୍ୟନ୍ତ ରହିବ । ପଲ୍ଲୀଶ୍ରୀ ମେଳାରେ ୨୫୦ଟି ଷ୍ଟଲ କରାଯାଇଛି । ଏଥିରେ ରାଜ୍ୟ ଓ ରାଜ୍ୟ ବାହାରୁ , ଜିଲାରୁ ବହୁ ହସ୍ତଶିଳ୍ପ, କୁଟୀର ଶିଳ୍ପ ସାମଗ୍ରୀର ବିକ୍ରି ସହ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ବିଭିନ୍ନ ଘର ସଜ୍ଜା ଏବଂ ଖାଦ୍ୟ ପ୍ରସ୍ତୁତ ସାମଗ୍ରୀ ଉପଲବ୍ଧ ରହିବ । ବ୍ୟବସାୟରେ ଦି ପଇସା ରୋଜଗାର କରିବାର ଆଶାରେ ଅନେକ ବ୍ୟବସାୟୀ ମଣ୍ଡେଇ ପଡିଆ ବାହାରେ ଏବେ ଠାରୁ ଡେରା ପକାଇ ବସିଛନ୍ତି । ଆଇନ ଶୃଙ୍ଖଳା ପରିସ୍ଥିତି ଓ ଟ୍ରାଫିକ ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି ୫ ପ୍ଲାଟୁନ ପୋଲିସ ମୁତୟନ କରାଯାଇଛି । ସେହିଭଳି ବସ ଓ ମାଲବାହି ଟ୍ରକ ଗୁଡିକ ଏକତରଫା ରାସ୍ତା ଦେଇ ଯାତାୟତ କରାଯିବାକୁ




ବ୍ୟବସ୍ଥା ଗ୍ରହଣ କରାଯାଇଛି । ନବରଙ୍ଗପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଣ୍ଡାର ଘରଣୀ ନିକଟରେ ପୂଜାର୍ଚ୍ଚନା କରାଯିବ। ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିମାନଙ୍କ ସହ ସାଂସ୍କୃତିକ ଶୋଭାଯାତ୍ରା, ପାରମ୍ପାରିକ ନାଚଗୀତରେ ମଶାଲ ମଣ୍ଡେଇ ପଡିଆରେ ପହଁଞ୍ଚିବ । ସନ୍ଧ୍ୟାରେ ସଭା କାର୍ଯ୍ୟପରେ ଜିଲା, ରାଜ୍ୟ ଓ ରାଜ୍ୟ ବାହାର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । କଳା , ସଂସ୍କୃତିର ବିଭୋବ ମଣ୍ଡେଇ ଅବସରରେ ଅତିଥିଙ୍କ ଭିଡ ମଧ୍ୟ ଘରେ ଜମିବାରେ ଲାଗିଛି ।

# ଜିଲାସ୍ତରୀୟ ବିଜ୍ଞାନ ମେଳାରେ ୭୪ ପ୍ରକଳ୍ପ ପ୍ରଦର୍ଶିତ

ନବରଙ୍ଗପୁର,୬।୧୨(ବି.ପ୍ର.)

ନବରଙ୍ଗପୁର ଜିଲା ସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ମେଳା ସ୍ଥାନୀୟ ଆରସିଡି ହାଇସ୍କୁଲରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ବିଧାୟକ ମନୋହର ରନ୍ଧାରୀ ଯୋଗ ଦେଇ ବର୍ତ୍ତମାନ ପ୍ରତି କ୍ଷଣରେ ବିଜ୍ଞାନର ଆବଶ୍ୟକତା ରହିଥିବା କହିଥିଲେ । ବର୍ତ୍ତମାନ ପରବେଶ ପରିବର୍ତ୍ତନ ଉଦବେଗ ଜନକ ହୋଇଛି । ଏଥିପାଇଁ ବୃକ୍ଷରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ପରିକ୍ଷିତ ସେଠୀ , ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷା ନିବେଦତା ମହାନ୍ତି, ନବରଙ୍ଗପୁର ବିଇଓ ଚିତ୍ତରଞ୍ଜନ ପାଣିଗ୍ରାହୀ, ପାପଡାହାଣ୍ଡି ବିଇଓ ଭାବଗ୍ରାହୀ ପଣ୍ଡା , ଜିଲାପରିଷଦ ଅଧ୍ୟକ୍ଷା ଭଗବତି ଭତ୍ରା ମଞ୍ଚାସୀନ ଥିଲେ । ଏଡିଇଓ ରାମଚନ୍ଦ୍ର ନାହକ ସଭାପତିତ୍ୱ କରିଥିଲେ। ଜିଲା ବିଜ୍ଞାନ ପରିଦର୍ଶକ ଅକ୍ଷୟ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ । ପ୍ରଦୀପ ମିଶ୍ର




ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର ।

ମଞ୍ଚ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ଅସିମ କୁମାର ବିଶ୍ୱାସ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ସରୋଜ କୁମାର ତ୍ରିପାଠୀଙ୍କ ରଚିତ ସ୍ୱାଗତ ସଙ୍ଗୀତକୁ ଛାତ୍ରମାନେ ଗାନ କରିଥିଲେ । ଏହା ପରେ ବିଜ୍ଞାନ ମେଳାର ଉଦଘାଟନ କରାଯାଇଥିଲା । ଏଥବରେ ୭୪ଟି ପ୍ରକଳ୍ପ ସ୍ଥାନିତ ହୋଇଥିଲା । ଅପରାହ୍ନରେ ଡାବୁଗାଁ ବିଧାୟକ ଭୁଜବଳ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଡିଏଫଓ ରଂଜତ କୁମାର ମଲ୍ଲିକ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ । ବିଜ୍ଞାନ ମେଳାରେ ପୁପୁଗାଁ ୟୁପି ସ୍କୁଲର ରାଜକୁମାର ପନକାଙ୍କ ପ୍ୟାପଟିଭ ଏଟିଏମ ପ୍ରକଳ୍ପ ପ୍ରଥମ ସ୍ଥାନ ପାଇଛି । ସେହିଭଳି ବଡକୁମାରୀ ୟୁଜିଏମଇ ସ୍କୁଲର ଲୋକେଶ ଭତ୍ରାଙ୍କ ସ୍ମାର୍ଟ ହେଲମେଟ ୨ୟ, ଆରସିଡି ହାଇସ୍କୁଲର କୃଷ୍ଣ ଚନ୍ଦ୍ର ଭୂମିଆଙ୍କ ପେମେଣ୍ଟ ଜେନେରେଟର ୩ୟ, ମାଝିଧନୁଆ ସରକାରୀ ୟୁଜି ହାଇସ୍କୁଲର ଘନଶ୍ୟାମ କୁମ୍ଭାରଙ୍କ ଇନସେକ୍ଟ ଟ୍ରାପିଙ୍ଗ ଡିଭାଇସ ୪ର୍ଥ, ଡଙ୍ଗରିଗୁଡା ସରକାରୀ ୟୁଜି ହାଇସ୍କୁଲରର ସଲୋନୀ ହରିଜନଙ୍କ ୱେଷ୍ଟ ଇଟର ୫ମ, ଡାବୁଗାଁ ସରସ୍ୱତୀ ଶିଶୁ ମନ୍ଦିରର ଆଶିଷ କୁମାର ବେହେରାଙ୍କ ସିପଟିଙ୍ଗ ବାଇ ହାଇଡ୍ରୋଲିକ ଡିଭାଇସ ୬ଷ୍ଠ ସ୍ଥାନ ପାଇଛି । ସେହିଭଳି ଇନସ୍ପାଇର (ମାନକ) ପ୍ରଦର୍ଶନୀରେ ସିନାପାଲି ୟୁପି ସ୍କୁଲର ସ୍କୁଲ ରେଡିଓ ଷ୍ଟେସନ ପ୍ରଥମ ଓ ପଣ୍ଡିକୋଟ ୟୁଜି ହାଇସ୍କୁଲର ସ୍ମାର୍ଟ ଡଷ୍ଟବିନ ଦ୍ୱିତୀୟ ସ୍ଥାନ ପାଇଛି।

### ରବି ଫସଲ ଖସଡା ପ୍ରସ୍ତୁତି ବୈଠକ

ନବରଙ୍ଗପୁର,୬।୧୨(ଡି.ଏନ.ଏ.)

ସ୍ଥାନୀୟ ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷ ଠାରେ ଜିଲାପାଳ ଅଜିତ କୁମାର ମିଶ୍ରଙ୍କ ଅଧ୍ୟତାରେ ରବି ଫସଲ ଖସଡା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଖରିଫ ଫସଲରେ ଅଭାବରେ ଚାଷୀ ଫସଲ ନଷ୍ଟ ହୋଇ ଥିବାରୁ କ୍ଷତି ସହିଛନ୍ତି । ଏନେଇ ଚାଷୀମାନେ ଯେମିତି ଠିକ ସମୟରେ ବିହନ, ସାର ଓ କୃଷି ଉପକରଣ ପାଇବେ ଏବଂ କୌଣସି ସମସ୍ୟା ଦେଖାନଦେବ ସେଥିପ୍ରତି ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି । ଚଳିତ ରବି ଫସଲ ପାଇଁ ଜିଲାରେ ୫୦ ହଜାର ୯୫୦ ହେକ୍ଟର ଚାଷ ହେବ । ସେଥିମଧ୍ୟରୁ ୧୦ ହଜାର ହେକ୍ଟର ଧାନ, ୯ ହଜାର ହେକ୍ଟର ମକା, ଡାଲି ଜାତୀୟ ଫସଲ ୧୬ ହଜାର ୯ଶହ ହେକ୍ଟର, ପନିପରିବା ୧୧ ହଜାର ହେକ୍ଟର ଓ ଆଖୁ ଚାଷ ୪ ହଜାର ହେକ୍ଟର ସହ ଅନ୍ୟାନ୍ୟ ଚାଷ କରାଯିବାକୁ ଟାର୍ଗେଟ ରହିଛି । ଏହି ବୈଠକରେ ଉପ କୃଷି ନିର୍ଦ୍ଦେଶକ ପ୍ରସାଦ କୁମାର ନାୟକ, ଜଳ ଛାୟା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ କୁମାର ନାୟକ, ଆତ୍ମା ଉପ ପ୍ରକଳ୍ପ ନିର୍ଦ୍ଦେଶକ କମଳ ଲୋଚନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ସୁନା ଅଳଙ୍କାର ଦୋକାନରୁ ଲୁଟ

**ସିସିଟିଭିରେ ଲୁଟର ଦୃଶ୍ୟ କଏଦ**

ଉମରକୋଟ,୬।୧୨(ଡି.ଏନ.ଏ)– ଉମରକୋଟ ସହର ପୁରୁଣା ବସଷ୍ଟାଣ୍ଡ ନିକଟସ୍ଥ ପୂଜା ଜୁଏଲାରୀରୁ ବୁଧବାର ରାତିରେ ଲକ୍ଷାଧିକ ଟଙ୍କାର ସୁନା ଓ ରୂପା ଗହଣା ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଚୋରି ସମୟର ଦୃଶ୍ୟ ଦୋକାନରେ ଲାଗିଥିବା ସିସିଟିଭିରେ କଏଦ ହୋଇଯାଇଛି। ସିସିଟିଭି ଫୁଟେଜ ଅନୁସାରେ ୨ ଜଣ ଦୁର୍ବୃତ୍ତ ଦୋକାନର ପଛପଟ କାନ୍ଥକୁ ପ୍ରଥମେ ଖୋଲିଥିଲେ। ପରେ ଦୋକାନ ଭିତରେ ପଶି ସୁନା ଗହଣା ଚୋରି କରିଥିଲେ। ଏହି ସମୟରେ ଦୋକାନରେ ଲାଗିଥିବା ସିସିଟିଭି ଉପରେ ସେମାନଙ୍କ ନଜର ପଡିବାରୁ ଏହାକୁ ବାହାର କରି ଦେଇଥିଲେ। ଚୋରି ହୋଇଥିବା ଖବର ସକାଳୁ ଦୋକାନ ମାଲିକ ଜାଣିବା ପରେ ଉମରକୋଟ ଥାନାରେ ଏତଲା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ପୋଲିସ ସିସିଟିଭି ଫୁଟେଜକୁ ଆଧାର କରି ଯାଞ୍ଚ କରୁଛି।




ସିସିଟିଭିରେ କଏଦ ହୋଇଥିବା ଦୃଶ୍ୟ ।

# ଧାନଗଦାରେ ନିଆଁ ଲାଗି ୫୦ଏକର ଧାନ ଫସଲ ଜଳିଗଲା

ରାଇଘର ୬।୧୨ (ଡି.ଏନ.ଏ)

ରାଇଘର ବ୍ଲକ କୁମୁଲି ପଞ୍ଚାୟତର ଲାଲପାରା ଗ୍ରାମରେ ଧାନଗଦାରେ ନିଆଁ ଲାଗି ୫୦ ଏକରରୁ ଉର୍ଦ୍ଧ୍ୱ ଧାନ ଫସଲ ଗୁରୁବାର ପୋଡି ଯାଇଛି । ଲାଲପାରା ଗ୍ରାମର ଚାଷୀ ଧାନ କାଟିବା ପରେ ଗ୍ରାମର ଗୋଟିଏ ପଡିଆରେ ଗଦା କରି ରଖିଥିଲେ । ୭ଜଣ ଚାଷୀ ୫୦ ଏକରରୁ ଉର୍ଦ୍ଧ୍ୱ ଧାନ ଫସଲ ଗଦା କରି ରଖିଥିଲେ । ଗୁରବାର ମଧ୍ୟାହ୍ନରେ ଧାନ ଗଦାରେ ନିଆଁ ଲାଗିଥିବା



ମହିଳାମାନେ ଦେଖି ପାଟି କରିଥିଲେ। ପରେ ଅଗ୍ନିଶ୍ରମ ବିଭାଗକୁ ଖବର ଦେଇଥିଲେ । ରାଇଘର ଅଗ୍ନିଶ୍ରମ ବିଭାଗର ୨ଟି ଗାଡି ଓ ଉମରକୋଟର ଗୋଟିଏ ଗାଡି ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଲାଲପାରା ଗ୍ରାମର ପରଷୁ ରାମ ଗଣ୍ଡ ୨ଏକର, ସୁକୁଡୁ ଗଣ୍ଡ ୧୨ଏକର, ଲକ୍ଷ୍ମଣ ଗଣ୍ଡ ୭ଏକର, ଦୟାରାମ ଗଣ୍ଡ ୭ଏକର,ଚରଣ ସିଂ ଗଣ୍ଡ ୫ ଏକର, ପାକଲୁ ଗଣ୍ଡ ୨ଏକର ଓ ପଞ୍ଚରାମ ଗଣ୍ଡଙ୍କ ୫ଏକର ଜମିର ଧାନ ଫସଲ ପୋଡି ଯାଇଛି ।

# ପଞ୍ଚାୟତସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ

ତେନ୍ତୁଲିଖୁଣ୍ଟି, ୬।୧୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ କୁକୁଡାବାଇସ୍ଥିତ ଖେଳପଡିଆରେ ପଞ୍ଚାୟତସ୍ତରୀୟ ଫୁଟବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ବିଜୁ ଯୁବ ବାହିନୀର 'ଆସ ଖେଳିବା ଓଡିଶା' କାର୍ଯ୍ୟକ୍ରମରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟକୁ କୁକୁଡାବାଇ ସରପଞ୍ଚ



ଧନୁର୍ଜୟ ସୌରା ଉଦ୍‌ଘାଟନ କରିଥିଲେ। ପୂଜାରୀଗୁଡା–କବାଗୁଡା ଓ କୁକୁଡାବାଇ–ବିଦାରାଗୁଡା ମଧ୍ୟରେ ଦୁଇଟି ପର୍ଯ୍ୟାୟରେ ମ୍ୟାଚ ଖେଳାଯାଇଥିଲା । ବିଦାରାଗୁଡା ବ୍ଲକସ୍ତରକୁ ମନୋନୀତ ହୋଇଛି । ବିଜୁ ଯୁବ ବାହିନୀର ସୁଦର୍ଶନ ହରିଜନ ଓ ଗୁପ୍ତ ସୌରା ଖେଳ ପରିଚାଳନା କରିଥିଲେ।

# ଗୃହରକ୍ଷୀ ବାହିନୀ ପ୍ରତିଷ୍ଠା ଦିବସ

ନବରଙ୍ଗପୁର,୬।୧୨(ଡି.ଏନ.ଏ.)

ସ୍ଥାନୀୟ ପୋଲିସ ରିଜର୍ଭ ପଡିଆ ଠାରେ ଗୃହରକ୍ଷୀ ବାହିନୀ ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇ ଯାଇଛି । ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଏସପି ଶାନ୍ତନୁ ମହାନ୍ତି ଯୋଗ ଦେଇଥିଲେ । ପରେଡ ଅଭିବାଦନ ଗ୍ରହଣ କରିବା ପରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ । ଗୃହରକ୍ଷୀମାନେ ଉଚ୍ଚ କୋଟୀର ସେବା ଯୋଗାଇ ଆସୁଛନ୍ତି । ପୋଲିସକୁ ସହଯୋଗ କରିବା ସହ ନିଜର କର୍ତ୍ତବ୍ୟ ଦକ୍ଷତା ସହ ଗଢିତୋଳିବା ପାଇଁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅତିଥି ଭବେ ଡିଏଫଓ ରଞ୍ଜିତ ମଲ୍ଲିକ, ଭିଜିଲାନ୍ସ ଡିଏସପି ପ୍ରମୋଦ ବାଗ, ବିଏସଏଫର ସେକେଣ୍ଡାଣ୍ଟ କମାଣ୍ଡାଣ୍ଟ ବି.କେ. ମଣ୍ଡଳ, ସୁବେଦାର ମେଜର ମହତାବ ବେହେରା, ଏସଡିପିଓ ବିମଳ କାନ୍ତ ବ୍ରହ୍ମା, ପାପଡାହାଣ୍ଡି ଏସଡିପିଓ ବିଜୟ କୁମାର ନାୟକ, ରିଜର୍ଭ ଇନ୍ସପେକ୍ଟର ଦକ୍ଷୀଣ ମରାଣ୍ଡି ପ୍ରମୂଖ ଉପସ୍ଥିତ ଥିଲେ ।



ଅତିରିକ୍ତ ଏସପି ଶାନ୍ତନୁ ମହାନ୍ତି ପରେଡ ଅଭିବାଦନ ଗ୍ରହଣ କରୁଛନ୍ତି ।

## ଜିଲ୍ଲା ସଂସ୍କୃତି ପରିଷଦ

ନବରଙ୍ଗପୁର



### ମଣ୍ଡେଇ ବାର୍ତ୍ତା

ବହୁ ପୁରାତନ କାଳରୁ ସମୟର ସ୍ରୋତରେ ସ୍ୱତଃପ୍ରବୃତ୍ତ ଭାବେ ନବରଙ୍ଗପୁର ଜିଲ୍ଲା ତଥା ପାର୍ଶ୍ୱବର୍ତ୍ତୀ ଜିଲ୍ଲାର ଅଧିବାସୀମାନଙ୍କ ମଧ୍ୟରେ ଜାଗିଉଠିଥିବା ପାରମ୍ପରିକ ଲୋକକଳା ଓ ସଂସ୍କୃତିକୁ ଉଜ୍ଜୀବିତ ଓ ଋଦ୍ଧିମନ୍ତ କରିବା, ଏହି ଅଞ୍ଚଳର ଲୋକକଳାରେ ରୁଚି ଥିବା କଳାକାରମାନଙ୍କ ମଧ୍ୟରେ ଲୁଚିରହିଥିବା ଲୋକକଳାର ପ୍ରତିଭାକୁ ଏକ ବୃହତ୍ ମଞ୍ଚ ଯୋଗାଇଦେବା, ଏହି ଜିଲ୍ଲାର କଳା ଓ ସଂସ୍କୃତିକୁ ରାଜ୍ୟ ତଥା ରାଜ୍ୟ ବାହାରେ ଜନସାଧାରଣଙ୍କ ସହିତ ପରିଚିତ କରିବା ଏବଂ ଏହି ଅଞ୍ଚଳର କଳାକାର ଓ ରାଜ୍ୟ ତଥା ରାଜ୍ୟ ବାହାରର କଳାକାରମାନଙ୍କ ମଧ୍ୟରେ ଭାବର ଆଦାନପ୍ରଦାନ କରାଇବା ପ୍ରଚେଷ୍ଟାରେ ହୁଏ ''ମଣ୍ଡେଇ''ର ପରିକଳ୍ପନା। କଳା ଓ ସଂସ୍କୃତିର ଏହି ମହାକୁମ୍ଭ ଜିଲ୍ଲା ପ୍ରଶାସନର ପ୍ରୋତ୍ସାହନ ଓ ଜିଲ୍ଲାବାସୀଙ୍କ ଅଶେଷ ସହଯୋଗରେ ପ୍ରତିବର୍ଷ ପାଳିତ ହୋଇ ଆସୁଛି । ଏହି କ୍ରମରେ ଏହିବର୍ଷ ମଧ୍ୟ ''ମଣ୍ଡେଇ ୨୦୧୮'' ଚଳିତ ୦୭।୧୨।୨୦୧୮ରୁ ୦୯।୧୨।୨୦୧୮ ପର୍ଯ୍ୟନ୍ତ ପାଳନ କରାଯାଉଛି । ତତ୍‌ସହିତ ଏହି ଅଞ୍ଚଳର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ପ୍ରସ୍ତୁତ କୃଷିଭିତ୍ତିକ, ହସ୍ତଶିଳ୍ପ, ହସ୍ତତନ୍ତ, ଟେରାକୋଟା, ଡୋକରା, କାଷ୍ଠ ଶିଳ୍ପ ଆଦି ଉତ୍ପାଦନର ଉପଯୁକ୍ତ ବଜାର ତିଆରି କରିବା ପ୍ରଚେଷ୍ଟାରେ ''ପଲ୍ଲିଶ୍ରୀ ମେଳା ୨୦୧୮'' ୦୭।୧୨।୨୦୧୮ରୁ ୧୧।୧୨।୨୦୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ଏହି ଅବସରରେ ମୁଁ ନବରଙ୍ଗପୁର ଜିଲ୍ଲା ଏବଂ ପାର୍ଶ୍ୱବର୍ତ୍ତୀ ଜିଲ୍ଲାର ଜିଲ୍ଲାବାସୀଙ୍କୁ ''ମଣ୍ଡେଇ –୨୦୧୮''ର ଅଭିନନ୍ଦନ ଜ୍ଞାପନ କରିବା ସହ ଏହି କଳା ଓ ସଂସ୍କୃତିର ମହାକୁମ୍ଭରେ ବହୁ ସଂଖ୍ୟାରେ ଯୋଗଦେଇ ସାନ୍ଧ୍ୟକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଉପଭୋଗ କରିବା ପାଇଁ ମୁଁ ସମସ୍ତଙ୍କୁ ସ୍ୱାଗତ ଜଣାଉଛି ।

**ଡାଃ ଅଜିତ କୁମାର ମିଶ୍ର (ଓ.ପ୍ର.ସେ.)**
**ଜିଲ୍ଲାପାଳ-ତଥା-ଜିଲ୍ଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ, ନବରଙ୍ଗପୁର**

**ସାଂସ୍କୃତିକ କାର୍ଯ୍ୟକ୍ରମର କାର୍ଯ୍ୟସୂଚୀ**

**୦୭।୧୨।୨୦୧୮**
୧. ସ୍ୱାଗତ ସଙ୍ଗୀତ, ୨. ଓଡ଼ିଶୀ ନୃତ୍ୟ, ୩. ଦାଣ୍ଡିଆ ନୃତ୍ୟ, ୪. ନାଗାଲାଣ୍ଡ ଆଦିବାସୀ ନୃତ୍ୟ, ୫. ଗୋଟିପୁଅ ନୃତ୍ୟ, ୬. ଘୁମରା, ୭. ଢେମସା, ୮. ଶାସ୍ତ୍ରୀୟ ଦଶଅବତାର, ୯. ସ୍ଥାନୀୟ ଲୋକ ନୃତ୍ୟ ।

**୦୮।୧୨।୨୦୧୮**
୧. ସ୍ୱାଗତ ସଙ୍ଗୀତ, ୨. ଓଡ଼ିଶୀ ନୃତ୍ୟ, ୩. ବିହୁ ନୃତ୍ୟ, ୪. ଘୁମର, ୫. ମୟୂରୀ ନୃତ୍ୟ, ୬. ଲାବୋଣୀ ନୃତ୍ୟ, ୭. ସମ୍ବଲପୁରୀ ଡାଲଖାଇ ନୃତ୍ୟ, ୮. ଛଉ ନୃତ୍ୟ, ୯. ଦଶ ଅବତାର ନୃତ୍ୟ, ୧୦. ଭତରା ନୃତ୍ୟ, ୧୧. ସ୍ଥାନୀୟ ଲୋକ ନୃତ୍ୟ, ୧୨. ଶାସ୍ତ୍ରୀୟ ପୌରାଣିକ ନୃତ୍ୟ ।

**୦୯।୧୨।୨୦୧୮**
୧. ଉଦ୍‌ଯାପନୀ ସଙ୍ଗୀତ, ୨. ଲବଣୀ ନୃତ୍ୟ, ୩. କୋଇଲି ନୃତ୍ୟ, ୪. ଦିବ୍ୟାଙ୍ଗମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତରେ ନୃତ୍ୟ, ୫. ଢେମସା, ୬. ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ସୁଶ୍ରୀ ଅସୀମା ପଣ୍ଡାଙ୍କ ଦ୍ୱାରା live melody.

## ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ନବରଙ୍ଗପୁର

# ମଣ୍ଡେଇ ବାର୍ତ୍ତା - ୨୦୧୮

ବହୁ ପୁରାତନ ସମୟରେ ସ୍ୱତଃପ୍ରବୃର୍ତ୍ତଭାବେ ନବରଙ୍ଗପୁର ଜିଲ୍ଲା ତଥା ପାର୍ଶ୍ୱବର୍ତ୍ତୀ ଜିଲ୍ଲାର ଅଧିବାସୀମାନଙ୍କ ମଧ୍ୟରେ ଜାଗି ଉଠିଥିବା ଲୋକ କଳା ଓ ସଂସ୍କୃତିକୁ ଉଜ୍ଜୀବିତ ଓ ଋଦ୍ଧିମନ୍ତ କରିବା ଏବଂ ଏହି ଅଞ୍ଚଳର କଳାକାର ଓ ରାଜ୍ୟ ତଥା ରାଜ୍ୟ ବାହାରର କଳାକାରମାନଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ କରାଇବା ପ୍ରଚେଷ୍ଟାରେ ହୁଏ ''ମଣ୍ଡେଇ''ର ପରିକଳ୍ପନା।

କଳା ଓ ସଂସ୍କୃତିର ଏହି ମହାକୁମ୍ଭ ଜିଲ୍ଲା ପ୍ରଶାସନର ପ୍ରୋତ୍ସାହନ ଓ ଜିଲ୍ଲାବାସୀଙ୍କ ଅଶେଷ ସହଯୋଗରେ ପ୍ରତିବର୍ଷ ପାଳିତ ହୋଇଆସୁଛି । ଏହି କ୍ରମରେ ଏହି ବର୍ଷ ମଧ୍ୟ ''ମଣ୍ଡେଇ–୨୦୧୮'' ଚଳିତ ୦୭।୧୨।୨୦୧୮ରୁ ୦୯।୧୨।୨୦୧୮ ପର୍ଯ୍ୟନ୍ତ ପାଳନ କରାଯାଉଛି । ତତ୍‌ସହିତ ଏହି ଅଞ୍ଚଳର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ପ୍ରସ୍ତୁତ କୃଷିଭିତ୍ତିକ ହସ୍ତଶିଳ୍ପ, ହସ୍ତତନ୍ତ, ଟେରାକୋଟା, ଡୋକରା, କାଷ୍ଠ ଶିଳ୍ପ ଆଦି ଉତ୍ପାଦନ ଉପଯୁକ୍ତ ବଜାର ତିଆରି କରିବା ପ୍ରଚେଷ୍ଟାରେ ପଲ୍ଲିଶ୍ରୀ ମେଳା ୨୦୧୮, ୦୭।୧୨।୨୦୧୮ରୁ ୧୧।୧୨।୨୦୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ନବରଙ୍ଗପୁର ପ୍ରଚେଷ୍ଟାରେ ଅନୁସୂଚିତ ଜନଜାତି ଛାତ୍ର/ଛାତ୍ରୀମାନଙ୍କ ଉଚ୍ଚ ଶିକ୍ଷାର ବିକାଶ ପାଇଁ ୦୯ ଗୋଟି ଆଶ୍ରମ ବିଦ୍ୟାଳୟଗୁଡ଼ିକୁ ଉଚ୍ଚ ବିଦ୍ୟାଳୟ ରୂପେ ଉନ୍ନୀତ କରାଯାଇଅଛି । ତତ୍ ସଙ୍ଗେ ସଙ୍ଗେ ସେମାନଙ୍କ ଉଚ୍ଚ ଶିକ୍ଷା ପାଇଁ ୦୮ ଗୋଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଅଛି । ଜିଲ୍ଲାର ବିଭିନ୍ନ ଦୁର୍ଗମ ଅଞ୍ଚଳରେ ଗମନାଗମନର ସୁବିଧା ନିମନ୍ତେ ରାସ୍ତା ଏବଂ ପୋଲ ନିର୍ମାଣ କରାଯାଇ ଆଦିବାସୀ ଲୋକଙ୍କୁ ମୁଖ୍ୟ ସ୍ରୋତକୁ ଆଣିବା ପାଇଁ ପ୍ରୟାସ ଜାରି ରହିଅଛି । ଅନୁସୂଚିତ ଜନଜାତି ଛାତ୍ର/ଛାତ୍ରୀମାନଙ୍କ ଆତ୍ମନିଯୁକ୍ତି/ଦକ୍ଷତା ବୃଦ୍ଧି ପାଇଁ କମ୍ପ୍ୟୁଟର ଶିକ୍ଷା, ସିଲେଇ ଶିକ୍ଷା, ଗାଡ଼ି ଚାଳନା ଶିକ୍ଷା, ୱେଲ୍‌ଡିଂ ଏବଂ ଅନ୍ୟାନ୍ୟ ତାଲିମ୍ ପ୍ରଦାନ କରାଯାଉଅଛି । ଏହି ଜିଲ୍ଲାରେ ଥିବା ଅନୁସୂଚିତ ଜନଜାତି ଛାତ୍ର/ଛାତ୍ରୀଙ୍କ ଶିକ୍ଷାର ମାନ ବୃଦ୍ଧି ନିମନ୍ତେ ନବରଙ୍ଗପୁରଠାରେ ଏକ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଏବଂ ଉମରକୋଟଠାରେ କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ ସ୍ଥାପନ କରାଯାଇଅଛି ।

ଆସନ୍ତୁ ଆମେ ସମସ୍ତେ ମିଶି ସ୍ୱଚ୍ଛ ଓ ସୁସ୍ଥ ନବରଙ୍ଗପୁର ଗଠନ ନିମନ୍ତେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ନବରଙ୍ଗପୁର ତରଫରୁ ଆହ୍ୱାନ ଜଣାଉଛୁ ।

**ଶ୍ରୀଯୁକ୍ତ ଅଣାକାର ଠାକୁର**
ପ୍ରକଳ୍ପ ପ୍ରଶାସକ,
ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା,
ନବରଙ୍ଗପୁର

**ଡଃ. ଅଜିତ କୁମାର ମିଶ୍ର**
ଜିଲ୍ଲାପାଳ ତଥା ଅଧ୍ୟକ୍ଷ,
ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା,
ନବରଙ୍ଗପୁର



ଘୋର ସଙ୍କଟପୂର୍ଣ୍ଣ ପରିସ୍ଥିତି ହିଁ ମହାପୁରୁଷମାନଙ୍କର ବିଦ୍ୟାଳୟ।
- ମହାତ୍ମା ଗାନ୍ଧୀ

## ସଂକ୍ଷେପରେ

### ଟ୍ରକ୍ ଓଲଟି ଜଣେ ମୃତ, ୨ ଗୁରୁତର

ବୈପାରୀଗୁଡ଼ା,୬।୧୨(ଡି.ଏନ୍.ଏ.): ମାଲକାନଗିରି ଯାଉଥିବା ଏକ ପେଣ୍ଟ୍ ବୋଝେଇ ଟ୍ରକ (ନଂ ଓ.ଆର୍.୦୫ କ୍ୟୁ ୨୨୨୫) ଗୁରୁବାର ସକାଳେ ବୈପାରୀଗୁଡ଼ା ଥାନା ମନ୍ତ୍ରିଆମ୍ବ ଗ୍ରାମ ନିକଟରେ ଓଲଟି ପଡ଼ିଛି। ଫଳରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଛି। ଅନ୍ୟ ମୃତକ ଜଣକ ହେଲେ ହେଲପର ଆର୍ତ୍ତକୃଷ୍ଣ ସେନାପତି । ଗାଡ଼ି ଚାଳକ ଭିକାରୀ ସେନାପତି ଓ ଟ୍ରାନ୍ସପୋର୍ଟ କଂପାନିର କର୍ମଚାରୀ ଭିକାରୀ ମଲ୍ଲ ଆହତ ହୋଇଛନ୍ତି। ହେଲପର ଓ ଡ୍ରାଇଭରଙ୍କ ଘର ଗଞ୍ଜାମ ଏବଂ ଟ୍ରାନ୍ସପୋର୍ଟ କର୍ମଚାରୀଙ୍କ ଘର ଜୟପୁର ବୋଲି ଜଣାପଡ଼ିଛି। ଗୁରୁତର ଅବସ୍ଥାରେ ଥିବା ଡ୍ରାଇଭର ଓ ଟ୍ରାନ୍ସପୋର୍ଟ କର୍ମଚାରୀଙ୍କୁ କୋରାପୁଟ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଏସ୍ଆଇ ଜିତେନ୍ଦ୍ର ନାୟକ ଓ ଏଏସ୍ଆଇ ଗୋପାଳ ବରାଡ଼ ଘଟଣାର ତଦନ୍ତ କରୁଛନ୍ତି।

### 'ଆମେ ବଦଳେଇଦେବୁ ଦେଶ ଆମର' କାର୍ଯ୍ୟକ୍ରମ

କୋରାପୁଟ/ନାରାୟଣପାଟଣା,୬।୧୨ (ସ୍ୱ.ପ୍ର./ଡି.ଏନ୍.ଏ.): ନାରାୟଣପାଟଣା ସ୍ଥିତ ରାଧାକୃଷ୍ଣ ଉଚ୍ଚ ମାଧମିକ ବିଦ୍ୟାଳୟରେ ଓଡ଼ିଶା ଇଲେକ୍ସନ ୱାଚ ଏବଂ ଓଡ଼ିଆର ମିଳିତ ଆନୁକୂଲ୍ୟରେ 'ଆମେ ବଦଳେଇଦେବୁ ଦେଶ ଆମର' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଅନୁଷ୍ଠାନ ଅଧକ୍ଷ ସୁଧୀର ଜେନାଙ୍କ ଅଧକ୍ଷତାରେ ଆୟୋଜିତ ଏହ କାର୍ଯ୍ୟକ୍ରମରେ ଅଧାପକ ସୁକାନ୍ତ ପରିଡ଼ା, ସୁରଥ ଡାକୁଆ, ଲକ୍ଷ୍ମୀପୁର ଏନ୍ଏସ୍ଏସ୍ ଅଧିକାରୀ ଯଶୋବନ୍ତ ଗରଡ଼ା, ଏଙ୍କେଶ୍ୱର ଖରା ଯୋଗ ଦେଇଥିଲେ। ଦେଶର ଭାଗ୍ୟ ନିୟନ୍ତ୍ରଣ କେବଳ ଯୁବ ମତଦାତା କରିପାରିବେ। ସେ ନେଇ ଯୁବବର୍ଗଙ୍କୁ କି ପ୍ରକାର ଆଭିମୁଖ୍ୟ ଦେଖାଇବାକୁ ପଡ଼ିବ, ସେ ନେଇ ଆଲୋଚନା କରାଯାଇଥିଲା। ଅଧାପକ ପ୍ରଜାରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କୃଷ୍ଣ କୁଳଦୀପ ଜିଲା କଂଗ୍ରେସ କମିଟି ସମ୍ପାଦକ ନିଯୁକ୍ତ



ଦାମନଯୋଡି, ୬।୧୨(ଡି.ଏନ୍.ଏ.): ପ୍ରଦେଶ କଂଗ୍ରେସ କମିଟି ଦାମନଯୋଡିର କୃଷ୍ଣ ଦୁଲଦୀପଙ୍କୁ କୋରାପୁଟ ଜିଲା କଂଗ୍ରେସ କମିଟି ସମ୍ପାଦକ ଭାବେ ନିଯୁକ୍ତ କରିଛି। ନିଯୁକ୍ତି ପାଇବା ପରେ ସେ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ , କୋରାପୁଟ ଜିଲା କଂଗ୍ରେସ କମିଟି ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, କୋରାପୁଟ ଜିଲା କଂଗ୍ରେସ କମିଟିର ସମସ୍ତ କର୍ମକର୍ତ୍ତା, ସଦସ୍ୟ ଏବଂ କର୍ମୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଜିଲାର ବିଭିନ୍ନ ଅଞ୍ଚଳରୁ ତାଙ୍କ ନିକଟକୁ ଶୁଭେଚ୍ଛା ବାର୍ତ୍ତା ଆସିଛି।

### ଆନ୍ଦୋଳନ ତେଜିବେ ଜିଆର୍ଏସ୍

ଜୟପୁର,୬।୧୨(ନି.ପ୍ର.): କୋରାପୁଟ ଜିଲା ଗ୍ରାମ ରୋଜଗାର ସେବକ ସଂଘର ଜରୁରିକାଳୀନ ବୈଠକ ପାର୍ଥସାରଥୀ ବିଶୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ଗତ ୧୫ ତାରିଖରୁ ଜିଆରଏସ୍‌ମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲୁ ରଖିଥିଲେ ମଧ ଏଯାବତ୍ ସରକାର ସମାଧାନ ବାଟ ବାହାର କରୁନାହାନ୍ତି। ଦୀର୍ଘ ୧୨ ବର୍ଷ ଧରି କାର୍ଯ୍ୟରତ ଥିବା ଗ୍ରାମ ରୋଜଗାର ସେବକଙ୍କ ଏକମାତ୍ର ଦାବି ହେଉଛି ସ୍ଥାୟୀ ନିଯୁକ୍ତି। ଏହାକୁ ଅଣଦେଖା ହୋଇଥିବାରୁ ସରକାରଙ୍କୁ ଦୃଢ଼ ନିନ୍ଦା କରାଯାଇଛି । ଆଗକୁ ସରକାର ଦାବି ପୂରଣ ନକଲେ ଆନ୍ଦୋଳନ ତେଜିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ବୈଠକରେ ରାୟଗଡ଼ା ଜିଲା ସଂଘର ପି. କିରଣ କୁମାର, ଏ.କେ. ବେଣୁ, ଏମ୍. ଦିବାକର ଏବଂ ଭାସ୍କର ଚୌଧୁରୀ ଯୋଗଦେଇ ସଙ୍ଗଠନ ସୁଦୃଢ଼ କରିବା ପାଇଁ ପରାମର୍ଶ ଦେଇଥିଲେ । ଜିଲା ଯୁଗ୍ମ ସମ୍ପାଦକ ସନ୍ତୋଷ ବିଷୋୟୀ, ମିଡିଆ ସେଲର ସରୋଜ ମହାନ୍ତି, ଜିଲା କୋଷାଧକ୍ଷ ଶିବ ପ୍ରସାଦ ମିଶ୍ର, ଶରତ ପଟ୍ଟନାୟକ, ଗାୟତ୍ରୀ ମିଶ୍ର, ମଧୁସ୍ମିତା ମହାପାତ୍ର, ନୃସିଂହ ବିଷୋୟୀ ଉପସ୍ଥିତ ଥିଲେ।

## ୫୬ତମ ହୋମଗାର୍ଡ ପ୍ରତିଷ୍ଠା ଦିବସ

# ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୨୧ ସମ୍ମାନିତ

କୋରାପୁଟ,୬।୧୨(ସ୍ୱ.ପ୍ର.)

ପୋଲିସ ଭଳି ହୋମଗାର୍ଡ ମଧ ଲୋକଙ୍କ ଆସ୍ଥାଭାଜନ ହେବା ଉଚିତ। ଗୁରୁବାର ସ୍ଥାନୀୟ ପୋଲିସ ପଡିଆରେ ଆୟୋଜିତ ୫୬ତମ ହୋମଗାର୍ଡ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏସ୍‌ପି କନୱର ବିଶାଳ ସିଂ ଏହା କହିଛନ୍ତି। ସେ ପତାକା ଉତ୍ତୋଳନ ସହ ପ୍ୟାରେଡ ଅଭିବାଦନ ଗ୍ରହଣ କରିଥିଲେ । ଜିଲାର ବିଭିନ୍ନ ଥାନାରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ କୋରାପୁଟ ସଦର ଥାନାର ମାନସ ଚମ୍ପତି, ନନ୍ଦପୁର ଥାନାର ଭୀମସେନ ମହାନ୍ତି, ସୁନାବେଡ଼ା ଥାନାର ସନ୍ତୋଷ ବେହେରା, ବୈପାରିଗୁଡ଼ା ଥାନାର ଘାସିରାମ ମାଛ, ବୋରିଗୁମ୍ମା ଥାନାର ଏ. କେଶବ ରାଓ, କୋରାପୁଟ ଟାଉନ ଥାନାର ଅଶୋକ ବାଇ, ଜୟପୁର ସଦର ଥାନାର କେ. ଶ୍ରୀନିବାସ ରାଓ, ବିସିଙ୍ଗପୁର ଥାନାର ରାମକୃଷ୍ଣ ଦାସ, ବନ୍ଧୁଗାଁ ଥାନାର ଅମରେଶ ନିମାଲପୁରି, ମାଛକୁଣ୍ଡ ଥାନାର ଡମ୍ବରୁ ଡୁମାରି, ସେମିଳିଗୁଡ଼ା ଥାନାର ୱାଇ. ସଂଜିବ କୁମାର, ନାରାୟଣପାଟଣା ଥାନାର କେ. ଗୋପାଳ ରେଡ୍ଡୀ, କାକିରିଗୁମ୍ମା ଥାନାର ବାସୁଦେବ ବିଶୋଇ, ପାଡୁଆ ଥାନାର ହରିଦାସ ଖେମୁଣ୍ଡୁ, କୋଟପାଡ଼ ଥାନାର ସନ୍ତୋଷ ପାଣିଗ୍ରାହୀ, ଲକ୍ଷ୍ମୀପୁର ଥାନାର ସୂର୍ଯ୍ୟନାରାୟଣ ପଟ୍ଟନାୟକ, ଦାମନଯୋଡ଼ି ଥାନାର ସରୋଜ ଖରା, କୁନ୍ଦୁରା ଥାନାର ଡମ୍ବରୁଧର ଖରା, ପଟ୍ଟାଙ୍ଗି ଥାନାର ତିରୁପତି ଗୁଣ୍ଡା, ଜୟପୁର ଟାଉନ ଥାନାର ଚନ୍ଦ୍ରମା ହରିଜନ। ଏହି ଅବସରରେ ଆଇପିଏସ ସାଗରିକା ନାଥ, ଏଏସ୍‌ପି ଭି.ଆର୍. ରାଓ, ଏସ୍‌ଓଜି କମାଣ୍ଡାଣ୍ଟ ଆଶିଷ କୁମାର, ଡିଏସ୍‌ପି କିଶୋର ଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ ।



ଜଣେ ହୋମ୍‌ଗାର୍ଡଙ୍କୁ ସମ୍ମାନିତ କରୁଛନ୍ତି ଏସ୍‌ପି କନୱର ବିଶାଳ ସିଂ ।

## କୋରାପୁଟରେ ଟିଡିପି ପର୍ଯ୍ୟବେକ୍ଷକ

# ଓଡ଼ିଶାର ୫୨ ବିଧାନସଭା ଆସନରେ ପ୍ରାର୍ଥୀ ଦେବ ଟିଡିପି

କୋରାପୁଟ,୬।୧୨(ସ୍ୱ.ପ୍ର.)

ଆଗାମୀ ସାଧାରଣ ନିର୍ବାଚନରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କ ନେତୃତ୍ୱରେ ଥିବା ତେଲୁଗୁ ଦେଶମ ପାର୍ଟି ଓଡ଼ିଶାର ନିଜ ମଞ୍ଜି ବୁଣିବ। ଗୁରୁବାର କୋରାପୁଟ ଅତିଥି ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଓଡ଼ିଶା ଦାୟିତ୍ୱରେ ଥିବା ଟିଡିପି ପର୍ଯ୍ୟବେକ୍ଷକ ରାଜେଶ ପୁଡ୍ଡୁରା ଏହା କହିଛନ୍ତି। ଓଡ଼ିଶାର ଅବିଭକ୍ତ କୋରାପୁଟ ଜିଲା ସମେତ ଗଜପତି, କଳାହାଣ୍ଡି, ବଲାଙ୍ଗିର, ବରଗଡ଼, ବ୍ରହ୍ମପୁର, ଖୋର୍ଦ୍ଧା, ପୁରୀ ଜିଲାର ୫୨ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଦଳ ପ୍ରାର୍ଥୀ ଦେବ। ବିଶେଷକରି ଓଡ଼ିଶାର ଦକ୍ଷିଣାଞ୍ଚଳ ଅଧୀନ ସମସ୍ତ ପଛୁଆ ଓ ଅନୁନ୍ନତ ଅଞ୍ଚଳରେ ଦଳ ପ୍ରାର୍ଥୀ ଦେବାକୁ ଯୋଜନା କରୁଛି। ରାଜ୍ୟର ୨୧ଟି ଲୋକସଭା ଆସନରୁ କେତେକ ସ୍ଥାନରେ ପ୍ରାର୍ଥୀ ରଖିବାକୁ ପ୍ରସ୍ତୁତି ଚାଲିଛି। ଆବଶ୍ୟକ ହେଲେ କେତେକ ସ୍ଥାନରେ ଅନ୍ୟ ଦଳ ସହଯୋଗ କରିବେ ବୋଲି ସେ କହିଛନ୍ତି।

# ବେସାମରିକ ବାହିନୀ ପ୍ରତିଷ୍ଠା ଦିବସ ପାଳିତ



ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।

କୋରାପୁଟ,୬।୧୨(ସ୍ୱ.ପ୍ର.)

କୋରାପୁଟସ୍ଥିତ କାର୍ନିଭାଲ ପଡିଆରେ ଗୁରୁବାର ୫୬ତମ ବେସାମରିକ ବାହିନୀର ପ୍ରତିଷ୍ଠା ଦିବସ ପାଳିତ ହୋଇଛି। କୋରାପୁଟ ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଦୀର୍ଘ ୫୬ ବର୍ଷ ଧରି ଦେଶର ବିଭିନ୍ନ ସ୍ଥାନରେ ବିପତ୍ତି ବେଳେ ଧନ ଜୀବନ ରକ୍ଷା କରିବାରେ ସ୍ୱେଚ୍ଛାକୃତ ଭାବେ କାମ କରିଆସୁଛି ବେସାମରିକ ବାହିନୀ। ବାହିନୀର ଅଧିକାରୀ ରମାନାଥ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇପିଏସ ସାଗରିକା ନାଥ, ଏଏସ୍‌ପି ଭି.ଆର୍. ରାଓ, ଡିଏସ୍‌ପି କିଶୋର ଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ଓ ସ୍ୱେଚ୍ଛାସେବୀ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ହାଲ ଓ କୋରାପୁଟ ଅଗ୍ନିଶମ ବିଭାଗ, ଓଡ୍ରାଫ ଦୁର୍ବିପାକ ଓ ଯୁଦ୍ଧ ସମୟରେ ନିଆଯାଉଥିବା ପଦକ୍ଷେପର କୌଶଳ ଦେଖାଇଥିଲେ। କମାଣ୍ଡର ମନୋଜ ନାୟକ ପ୍ୟାରେଡ ଓ ସୀମାଞ୍ଚଳ କୁଣ୍ଡୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବିଚ୍ଛିନ୍ନାଞ୍ଚଳର ୬ ଗାଁ ବୁଲିଲେ ବିଧାୟକ



ବିଧାୟକ ଲୋକଙ୍କୁ ଭେଟି ଆଲୋଚନା କରୁଛନ୍ତି।

## ସମସ୍ୟା ନେଇ ଘେରିଲେ ବାସିନ୍ଦା

କୋଟପାଡ,୬।୧୨(ଡି.ଏନ୍.ଏ.)

୨୦୧୯ ନିର୍ବାଚନ ପାଖେଇ ଆସୁଥିବାରୁ ଗାଁ ଗହଳିରେ ରାଜନେତା ବୁଲି ଲୋକଙ୍କ ହାଲଚାଲ୍ ବୁଝିବା ଆରମ୍ଭ କରିଦେଇଛନ୍ତି। ବିପକ୍ଷ ଦଳ ସରକାରଙ୍କ ଦୋଷ ଦୁର୍ବଳତା ଦେଖାଇ ସମାଲୋଚନା କରୁଥିବାବେଳେ ସରକାରୀ ଦଳ ନେତାମାନେ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ କହି ଲୋକଙ୍କ ନିକଟତର ହେବାକୁ ଚେଷ୍ଟା ଚଳେଇଛନ୍ତି। କୋଟପାଡ ଅଞ୍ଚଳର ବିଚ୍ଛିନ୍ନାଞ୍ଚଳ କୁହାଯାଉଥିବା ଛତର୍ଲା ପର୍ଯ୍ୟନ୍ତ କୋଲାବ ନଦୀ ଆରପାରିରେ ଦୀର୍ଘ ୫ ବର୍ଷ ହେବ କୌଣସି ନେତାଙ୍କ ପାଦ ପଡ଼ି ନ ଥିବାବେଳେ ମଙ୍ଗଳବାର ସ୍ଥାନୀୟ ବିଧାୟକ ଚନ୍ଦ୍ରଶେଖର ମାଝି ଗସ୍ତ କରିଥିଲେ। ସେ ଉକ୍ତ ପଞ୍ଚାୟତର କସିଗୁଡା, ବାକଟିଗୁଡା, ଲାକ୍ଟିଗୁଡା, ଫଟକିକୁମି, କଟ୍ରାଗୁଡା, ନୂଆଗୁଡା ଅଞ୍ଚଳ ଗସ୍ତ କରି ଲୋକଙ୍କ ସହିତ ଆଲୋଚନା କରିଥିଲେ। ଲୋକମାନେ ସେମାନେ ଅଞ୍ଚଳର ସମସ୍ୟାକୁ ନେଇ ବିଧାୟକଙ୍କୁ ଘେରିଥିଲେ। ଦୀର୍ଘଦିନ ହେବ ଛତର୍ଲା ପଞ୍ଚାୟତ ମହକୁମାକୁ ଯାତାୟାତ ନିମନ୍ତେ କୋଲାବ ନଦୀ ଉପରେ ଏକ ଝୋଲା ପୋଲ ନିର୍ମାଣ କରିବା ପାଇଁ ଦାବି ହୋଇ ଆସୁଥିଲେ ସୁଦ୍ଧା ରାଜ୍ୟ ସରକାର କିମ୍ବା ଜିଲା ପ୍ରଶାସନ କି ରାଜନୈତିକ ନେତାମାନେ ଦୃଷ୍ଟି ଦେଉ ନଥିବା ବାରୁ ବାସିନ୍ଦା ଅସନ୍ତୋଷ ପ୍ରକାଶ କରିଥିଲେ । କସ୍ତିଗୁଡାରେ ଦୀର୍ଘଦିନ ହେବ ଅଙ୍ଗନୱାଡି କେନ୍ଦ୍ର ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡି ରହିଥିବାରୁ ପଲିଥିନ ତଳେ ଚାଲୁଅଛି । ସେଭଳି ବର୍ଷ ସାରା ପାନୀୟଜଳ , ନଳକୂପ ଅଚଳ, ରାସ୍ତାଘାଟ ମରାମତି ସମସ୍ୟା ସମ୍ପର୍କରେ ଲୋକେ ବିଧାୟକଙ୍କୁ ଜଣାଇଥିଲେ। ବିଧାୟକଙ୍କ ଗସ୍ତ ସମୟରେ ବ୍ଲକ ଅଧକ୍ଷ ବୈଦ୍ୟନାଥ ପୂଜାରୀ , ପିଇଓ ବିଜ୍ଞାନ ନାୟକ, ସ୍ଥାନୀୟ ବିଡିଓ ଅଂଶୁମାନ ମହାପାତ୍ର ସାମିଲ ଥିଲେ। ଉକ୍ତ ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟଗୁଡିକ କାହିଁକି ଅଧପନ୍ତରିଆ ଅବସ୍ଥାରେ ରହିଛି ବୋଲି ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି । ଛଅଖଣ୍ଡ ଗ୍ରାମର ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଲୋକଙ୍କର ପ୍ରଶ୍ନକୁ ନେଇ ବିଧାୟକ କିମ୍ବା ବିପିଓ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରିନାହାନ୍ତି । ଅନ୍ୟପକ୍ଷରେ ସମସ୍ତ ତଥ୍ୟ ସଂଗ୍ରହ କରି ଖୁବ୍‌ଶୀଘ୍ର ଲୋକଙ୍କ ସମସ୍ୟା ସମାଧାନ କରାଯିବ ବୋଲି ବିଧାୟକ କହିଛନ୍ତି ।

## ଧାନ ମଣ୍ଡିରେ ଅଚଳାବସ୍ଥା

# ମନ୍ତ୍ରୀଙ୍କୁ ଭେଟିଲା କୃଷକ କଲ୍ୟାଣ ମଞ୍ଚ

କୁନ୍ଦୁରା, ୬।୧୨(ଡି.ଏନ୍.ଏ)

କୁନ୍ଦୁରା ବ୍ଲକ୍ ଏକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଅନୁସୂଚିତ ଜାତି ଏବଂ ଜନଜାତି ମନ୍ତ୍ରୀ ରମେଶ ମାଝି, ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି, କୋଟପାଡ଼ ବିଧାୟକ ଚନ୍ଦ୍ର ଶେଖର ମାଝିଙ୍କୁ କୃଷକ କଲ୍ୟାଣ ମଞ୍ଚ ଭେଟିଛି। ବ୍ଲକରେ ଖରିଫ ଧାନ ମଣ୍ଡି ଅଚଳାବସ୍ଥା ଏବଂ ପ୍ରଶାସନ ଓ ମିଲର୍ସଙ୍କ ମଧରେ ମଧୁଚନ୍ଦ୍ରିକାରେ ଚାଷୀ ଶିକାର ହେଉଥିବା ସେମାନେ ଅଭିଯୋଗ କରିଛନ୍ତି । ନଭେମ୍ବର ମାସରେ ଧାନମଣ୍ଡି ଖୋଲା ଯାଇଥିଲେ ମଧ ଏଯାଏ ଧାନ କ୍ରୟ ହୋଇପାରି ନାହିଁ। ଫଳରେ ଚାଷୀ ଅଭାବୀ ବିକ୍ରି ସମସ୍ୟାରେ ପଡିଛନ୍ତି। ଏଥିରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରିବାକୁ ମଞ୍ଚ ମନ୍ତ୍ରୀଙ୍କ ନିକଟରେ ଦାବି କରିଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି, ବୋନସ, ମାସିକ ଭତ୍ତା,କୃଷି ଋଣ ଛାଡ ସହିତ କୃଷକଙ୍କୁ ସମ୍ମାନ ପ୍ରଦାନ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବାକୁ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ନରେନ୍ଦ୍ର ପ୍ରଧାନ, ରାଧାନାଥ ଭଟ୍ଟ, ପ୍ରମୋଦ ପଟ୍ଟନାୟକ, ଏସ୍. ଶତପଥି, ଅଶୋକ ତ୍ରିପାଠୀ, ଅଭୟ ଭଟ୍ଟ ପ୍ରମୁଖ ମନ୍ତ୍ରୀଙ୍କୁ ଭେଟିଥିଲେ।

# ନିର୍ମାଣ ଶ୍ରମିକଙ୍କୁ ସାଇକେଲ

## ଆଦିବାସୀ ମାନ୍ୟତା ପାଇଁ ପତ୍ର ଦେଲା ଦୁରୁଆ ସମାଜ



ଜଣେ ନିର୍ମାଣ ଶ୍ରମିକଙ୍କୁ ଅତିଥିମାନେ ସାଇକେଲ ପ୍ରଦାନ କରୁଛନ୍ତି।

କୁନ୍ଦୁରା, ୬।୧୨(ଡି.ଏନ୍.ଏ)

କୁନ୍ଦୁରା ବ୍ଲକ୍ ଜଗନ୍ନାଥ ମନ୍ଦିର କଲ୍ୟାଣ ମଣ୍ଡପଠାରେ ଗୁରୁବାର କୋଠାବାଡ଼ି ନିର୍ମାଣ ଶ୍ରମିକଙ୍କ ପାଇଁ ଶ୍ରମ ବିଭାଗ ତରଫରୁ ଆୟୋଜିତ ସାଇକେଲ ବଣ୍ଟନ କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ଓ ଜନଜାତି ମନ୍ତ୍ରୀ ରମେଶ ମାଝି ଯୋଗଦେଇ ଶୁଭାରମ୍ଭ କରିଛନ୍ତି। ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି, କୋଟପାଡ ବିଧାୟକ ଚନ୍ଦ୍ରଶେଖର ମାଝି, ଯୋଜନାବୋର୍ଡ ସଦସ୍ୟ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଗୀତାଞ୍ଜଳି ପତି, ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ ପାଣିଗ୍ରାହୀ, ବ୍ଲକ୍ ଶ୍ରମିକ ସଂଘ ସଭାପତି ସଞ୍ଜୟ ସାହୁ, ବିଧାୟକଙ୍କ ପ୍ରତିନିଧି ପ୍ରତିପତି ଗୁରୁ, ଏବିଡିଓ ମାଧୁରୀ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ଏଥିସହ ରାଜ୍ୟ ସରକାରଙ୍କ ନିର୍ମାଣ ଶ୍ରମିକମାନଙ୍କ ପାଇଁ ରହିଥିବା ବିଭିନ୍ନ ଯୋଜନାର ଶୁଭାରମ୍ଭ କରାଯାଇଛି। ପଞ୍ଜୀକୃତ ଶ୍ରମିକମାନଙ୍କୁ ୨ଶହ ସାଇକେଲ ବଣ୍ଟନ କରାଯିବା ସହିତ ୧୬୮ ନୂତନ ପଞ୍ଜୀକୃତ ଶ୍ରମିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିବାବେଳେ ମୃତ୍ୟୁକାଳୀନ , ପ୍ରସୂତି, ଶିକ୍ଷା ଏବଂ ବିବାହକାଳୀନ ସହାୟତା ପ୍ରଦାନ କରାଯାଇଛି। ଏହାପରେ କୁନ୍ଦୁରା ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ସଭାପତି ତ୍ରିନାଥ ହରିଜନ ଏବଂ ସମ୍ପାଦକ ନାରାୟଣ ବିଷୋଇଙ୍କ ନେତୃତ୍ୱରେ ଶିକ୍ଷକମାନେ ମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। କୁନ୍ଦୁରା ବ୍ଲକ ଦୁରୁଆ ମହାସଂଘ ପକ୍ଷରୁ ଦୁରୁଆମାନଙ୍କୁ ଆଦିବାସୀ ମାନ୍ୟତା ପ୍ରଦାନ କରିବାକୁ ମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଛି। ବିଭାଗୀୟ ସଚିବଙ୍କ ସହିତ ଆଲୋଚନା ପରେ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।


